## ସଂକ୍ଷେପରେ

### ମଦ ଚାଲାଣ, ଜଣେ ଗିରଫ

ଜୟପୁର, ୧୨।୫(ପବନ ପାଣିଗ୍ରାହୀ)

ଦେଶୀ ମଦ ଚୋରାଚାଲାଣ ବେଳେ ଜୟପୁର ଅବକାରୀ ନିରୀକ୍ଷକଙ୍କ କାର୍ଯ୍ୟାଳୟ ପକ୍ଷରୁ ରବିବାର ଚଢାଉ କରାଯାଇ ଜଣଙ୍କୁ ଗିରଫ କରାଯାଇଛି । ସେ ହେଲେ ନୀଳାଗୁଡାର ଘାସି ଦୁଆରୁ (୪୮) । ଏକ ବାଇକ୍‌ରେ ଘାସି ଜୟପୁର ସହରକୁ ଦେଶୀ ମଦ ଚାଲାଣ ପାଇଁ ଧରି ଆସୁଥିବା ସୂଚନ ପାଇ ଅବକାରୀ ବିଭାଗ କର୍ମଚାରୀମାନେ ନିଳାଗୁଡା ଛକଠାରେ ଚଢାଉ କରି ତାଙ୍କୁ ଧରିଥିଲେ । ତାଙ୍କଠାରୁ ବାଇକ ଏବଂ ୩୦ ଲିଟର ଦେଶୀ ମଦ ଜବତ ହୋଇଛି । ଘାସିଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ନିରୀକ୍ଷକ ଶଶିକାନ୍ତ ଦତ୍ତ କହିଛନ୍ତି ।

### ପୁତୁରା ଆକ୍ରମଣରେ ଦାଦା ମୃତ ଘଟଣା
### ଅଭିଯୁକ୍ତ କୋର୍ଟ ଚାଲାଣ

ଏମଭି ୭୯, ୧୨।୫(ଭିକି ବାରିକ )

ଏମଭି ୭୯ ନିକଟସ୍ଥ ତେଲେରାଇ ପଞ୍ଚାୟତ ଅନ୍ତର୍ଗତ ଇପିଗୁଡ଼ାଠାରେ ଶନିବାର ପୁତୁରା ଆକ୍ରମଣରେ ଦାଦା ମୃତ ଘଟଣାରେ ରବିବାର ରାମ ପୋଡ଼ିଆମଙ୍କୁ କୋର୍ଟଚାଲାଣ କରାଯାଇଛି । କୋୟା ସମ୍ପ୍ରଦାୟର ପୁରୁଣା ପରମ୍ପରା ଅନୁଯାୟୀ ଆମ୍ବ ପରବ ଚାଲୁ ଥିବା ବେଳେ ସେହି ଗ୍ରାମର ଦାଦା ମୁକା ପଡ଼ିଆମି ଓ ପୁତୁରା ରାମଙ୍କ ମଧ୍ୟରେ କୌଣସି କାରଣରୁ ବଚସା ହୋଇଥିଲା । ରାମଙ୍କ ଆକ୍ରମଣରେ ଦାଦା ମୁକାଙ୍କ ମୃତ୍ୟୁ ହୋଇଥିଲା । ଖବରପାଇ ଏମଭି-୭୯ ପୋଲିସ ସଙ୍ଗେସଙ୍ଗେ ଘଟଣା ସ୍ଥଳରେ ପହଞ୍ଚି ଅଭିଯୁକ୍ତ ରାମଙ୍କୁ ଗିରଫ କରି ନେଇ ପଚରାଉଚରା ଚଳାଇଥିଲା । କେସ ନମ୍ବର ୮୩/୨୪ ।

# କାଳବୈଶାଖୀ ବର୍ଷାରେ ଗଛ ଉପୁଡ଼ି ରାସ୍ତା ଅବରୋଧ





ନନ୍ଦପୁରରେ ଉପୁଡ଼ି ପଡିଥିବା ଗଛକୁ ଅଗ୍ନିଶମ କର୍ମଚାରୀମାନେ କାଟି ରାସ୍ତା ଅବରୋଧ ହଟାଉଛନ୍ତି ।

ସୁନାବେଡା/ସେମିଳିଗୁଡା/ ନନ୍ଦପୁର/ ଲମତାପୁଟ, ୧୨।୫(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼/ଶଙ୍କର ପୂଜାରୀ/ ଭକ୍ତ ରାମ ବାଙ୍କିଆ)

ଉଭୟ ସୁନାବେଡା ଓ ସେମିଳିଗୁଡା ସହରରେ ରବିବାର କାଳବୈଶାଖୀ ଝଡ ପବନ ହୋଇଛି । ପୂର୍ବାହ୍ନ ୧୧ଟାରେ କିଛି ସମୟ ପାଇଁ ଉଭୟ ସୁନାବେଡା ଓ ସେମିଳିଗୁଡାରେ ଖୁବ ଜୋରରେ ପବନ ସାଙ୍ଗକୁ ଘଡଘଡ଼ି ଓ ବର୍ଷା ହୋଇଥିଲା । ଫଳରେ ଅନେକ ୱାର୍ଡର ରାସ୍ତାଘାଟ ସହିତ ଉଭୟ ସହରକୁ ସଂଯୋଗ କରୁଥିବା ୨୬ ନଂ. ଜାତୀୟ ରାଜପଥର ଅନେକ ସ୍ଥାନରେ ପାଣି ଜମି ରହିଥିବା ଦେଖିବାକୁ ମିଳିଥିଲା । ବର୍ଷା ଯୋଗୁ ଏଠାରେ ରବିବାର ବସୁଥିବା ସାପ୍ତାହିକ ହାଟରେ ବାଧା ସୃଷ୍ଟି ହୋଇଛି । ବର୍ଷା ପବନ ଯୋଗୁ ବିଦ୍ୟୁତ୍ ସରବରାହ ପ୍ରାୟ ୪ଘଣ୍ଟା ଧରି ବନ୍ଦ ରହିଥିଲା । ପୌର ପ୍ରଶାସନ ପକ୍ଷରୁ ନିର୍ମାଣ କରାଯାଇଥିବା ଡ୍ରେନଗୁଡ଼ିକ୍ ସଫା କରା ଯାଉ ନ ଥିବା ହେତୁ ବର୍ଷା ଜଳ ନିଷ୍କାସନ ହୋଇ ପାରୁ ନାହିଁ । ଫଳରେ ସାମାନ୍ୟ ବର୍ଷା ହେଲେ ପୌରାଞ୍ଚଳ ରାସ୍ତାଘାଟ ଜଳାର୍ଣ୍ଣବ ହେଉଥିବା ୱାର୍ଡବାସୀ ଅଭିଯୋଗ ଆଣିଛନ୍ତି । ଏହା ବ୍ୟତୀତ ୨୬ନଂ. ରାଜପଥ ସୁନାବେଡା ଗେଷ୍ଟ ହାଉସ ନିକଟରେ ଏକ ବିରାଟ ଗଛ ଉପୁଡି ପଡି ରାସ୍ତା ଅବରୋଧ ହୋଇ କିଛି ସମୟ ପାଇଁ ଯାତାୟାତରେ ବାଧା ଉପୁଜି ଥିଲା । ସେମିଳିଗୁଡା ନୀଳାଞ୍ଚଳ ବଜାର ନିକଟରେ ଗୋଟିଏ ଅଟୋ ଉପରେ ଗଛ ପଡି ଯାଇଥିଲା । ତେବେ ଅଟୋଟିର କିଛି କ୍ଷତି ହୋଇ ନ ଥିବା ଜଣାପଡିଛି ।

### ଲମତାପୁଟରେ ୩ ପରିବାର ହେଲେ ବେଘର

ସେହିପରି ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ କାଳ ବୈଶାଖୀର ପ୍ରଭାବରେ ଥିବା ଏକ ବିରାଟ ଆମ୍ବଗଛ ରବିବାର ମଧ୍ୟାହ୍ନରେ ଉପୁଡ଼ି ପଡିଥିଲା । ଫଳରେ ଦୁଇ ଘଣ୍ଟା ଧରି ରାସ୍ତା ଅବରୋଧ ହୋଇଥିଲା । ସିଏଚସି ସମେତ ନନ୍ଦପୁର ହରିଜନ ସାହି ଓ ବାହିରିପଡା ଗ୍ରାମକୁ ଯାତାୟାତ ବନ୍ଦ ରହିଥିଲା । ଗଛଟି ଉପୁଡ଼ି ସିଏଚସି ସୁରକ୍ଷା ପାଚେରି ଉପରେ ପଡ଼ିଥିଲେ ମଧ୍ୟ କିଛି କ୍ଷତି ହୋଇ ନ ଥିବା ଦେଖିବାକୁ ମିଳିଛି । ସୂଚନା ପାଇ ନନ୍ଦପୁର ଅଗ୍ନିଶମ ବାହିନୀର କର୍ମକର୍ତ୍ତା ପହଞ୍ଚି ଗଛଟିକୁ କାଟି ରାସ୍ତାରୁ ଅବରୋଧ ହଟାଇ ଥିଲେ । ସେହିପରି ଲମତାପୁଟ ବ୍ଲକର କାଙ୍ଗ୍ରାପଡା ଗ୍ରାମରେ ରବିବାର ପୂର୍ବାହ୍ନ ୧୦ଟାରେ କାଳ ବୈଶାଖୀ ଯୋଗୁ ଏକ ବଡ଼ ଗଛ ଘର ଉପରେ ପଡଛି । ଫଳରେ ଉକ୍ତ ଘରଟି ଭାଙ୍ଗି ପଡିଛି । ଫଳରେ ୩ ଜଣଙ୍କ ଘର ଭାଙ୍ଗି ସେମାନେ ବେସାହାରା ହୋଇଛନ୍ତି । ଗ୍ରାମର ବିଷ୍ଣୁ ଶିସା, କୃଷ୍ଣ ଶିସା ଓ ଡାହାଣ ଶିସାଙ୍କ ଘର ଉପରେ ଏହି ଗଛ ପଡିଥିବା ଜଣାଯାଇଛି । ଖବରପାଇ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଘର ଉପରୁ ଗଛକାଟି ସଫା କରିଥିଲେ । ଏହି ୩ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ସେମାନଙ୍କୁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ପ୍ରଶାସନକୁ ଅନୁରୋଧ କରିଛନ୍ତି ।

# ୨ଥର ମତଦାନ କରିବେ କୋଟିଆବାସୀ

ପଟ୍ଟାଙ୍ଗି, ୧୩।୫(ଶରତ ଧଳ)

■ ଓଡ଼ିଶାରେ ମତଦାନ ପରେ ଆନ୍ଧ୍ର ବୁଥ୍‌ରେ ସାବ୍ୟସ୍ତ କରିବେ ମତ
■ ଆନ୍ଧ୍ର ସୀମାନ୍ତ ନେରେଡିବାଲାସାରେ କରିଛି ବୁଥ୍
■ ଚିନ୍ତାରେ ଜିଲା, ବ୍ଲକ ପ୍ରଶାସନ

ଲୋକସଭା ଏବଂ ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ସୋମବାର ଅନୁଷ୍ଠିତ ହେବ । ରାଜ୍ୟର ୪ଟି ଲୋକସଭା ସହ ୨୮ଟି ବିଧାନସଭାର ମତଦାତା ସେମାନଙ୍କ ମତଦାନ କରିବେ । କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକର ସୀମାନ୍ତ ଅଞ୍ଚଳରେ ଯେପରି ଶାନ୍ତିଶୃଙ୍ଖଳାର ସହ ମତଦାନ ହେବ ସେନେଇ ଜିଲା ଓ ବ୍ଲକ ପ୍ରଶାସନ ପାଇଁ ଏକ ପ୍ରକାର ଚିନ୍ତାର ବିଷୟ ପାଲଟିଛି । ପଟ୍ଟାଙ୍ଗି ବ୍ଲକ ଅଧୀନରେ କୋଟିଆ ପଞ୍ଚାୟତ ସମେତ ଅମ୍ପାବାଲି ଓ ତଳଗୋଲୁର ପରି ପଞ୍ଚାୟତ ଆନ୍ଧ୍ର ରାଜ୍ୟ ସୀମାନ୍ତରେ ରହିଛି । ଏହି ସବୁ ପଞ୍ଚାୟତଗୁଡିକର ବୁଥ ଉପରେ ଜିଲା ଓ ବ୍ଲକ ପ୍ରଶାସନର କଡା ନଜର ରହିଛି । ଅନ୍ୟପକ୍ଷରେ ସୀମାନ୍ତ ପଞ୍ଚାୟତର ବୁଥଗୁଡିକରେ କିପରି ମତଦାନ ପ୍ରତିଶତ ବଢିବ ସେନେଇ ମଧ୍ୟ ଦୁଇ ରାଜ୍ୟ ଓଡ଼ିଶା ଓ ଆନ୍ଧ୍ର ପାଇଁ ଚିନ୍ତାର ବିଷୟ ପାଲଟିଛି । ପଟ୍ଟାଙ୍ଗି ବ୍ଲକର କୋଟିଆ ପଞ୍ଚାୟତରେ ଓଡିଶା ପକ୍ଷରୁ ୫ଟି ବୁଥ ହୋଇଥିବା ବେଳେ ଆନ୍ଧ୍ର ଓଡ଼ିଶାର ସୀମା ଭିତରେ ଥିବା ନେରିଡିବାଲସାରେ ବୁଥ କରିବା ସହ ନିଜ ସୀମା ଭିତରେ ୨ଟି ବୁଥ କରିଛି । ଅନ୍ୟପକ୍ଷରେ ଓଡିଶା ପକ୍ଷରୁ କୋଟିଆ ପଞ୍ଚାୟତର ବିଭିନ୍ନ ଗ୍ରାମରେ ୫ଟି ବୁଥ ହୋଇଥିବା ନେଇ ଆନ୍ଧ୍ରର ପାର୍ବତୀପୁରମ ମାନ୍ୟମ ଜିଲା ଏବଂ ସାଲୁର ବ୍ଲକ ପ୍ରଶାସନର ଚିନ୍ତା ବଢାଇ ଦେଇଛି । ପଞ୍ଚାୟତବାସୀ କହନ୍ତି, ଓଡ଼ିଶାରେ ମତଦାନ ସାବ୍ୟସ୍ତ କରିବୁ । ମାତ୍ର ମତଦାନ ପରେ ଆଙ୍ଗୁଳିରେ କାଳି ଲଗାଇ ଦେଲେ ଆମେ କିପରି ଆନ୍ଧ୍ରରେ ମତଦାନ କରିବୁ ବୋଲି ପ୍ରଶ୍ନ ଉଠାଇଛନ୍ତି । ତେବେ ଆନ୍ଧ୍ର କୋଟିଆ ପଞ୍ଚାୟତବାସୀଙ୍କ ଆଙ୍ଗୁଳିରେ କାଳି ରଙ୍ଗ ଲାଗିଥିଲେ ମଧ ସେମାନେ ସେମାନଙ୍କ ମତଦାନ କରିପାରିବେ ବୋଲି ପ୍ରକାଶ କରିଛି ।

# ଯବାନଙ୍କ ଗୁଳିରେ ମାଓବାଦୀ ନିହତ

ମାଲକାନଗିରି, ୧୨।୫(ଦୁର୍ଯ୍ୟୋଧନ ପାତ୍ର)



ନିହତ ମାଓବାଦୀ ମଙ୍ଗଳ ।

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ଧମତାରୀ ଥାନା ଅଞ୍ଚଳରେ ଗୁଳି ବିନିମୟରେ ଜଣେ ମାଓବାଦୀ ନିହତ ହୋଇଛନ୍ତି । ସେ ହେଲେ ମଙ୍ଗଳ ମାଡକମ । ତାଙ୍କ ନାମରେ ଛତିଶଗଡ଼ ସରକାର ୫ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଥିଲେ । ଖବରରୁ ଜଣାପଡିଛି ପୋଲିସ, ସିଆରପିଏଫ, ଡିଆର୍‌ଜି ଯବାନଙ୍କ ପକ୍ଷରୁ ମାଓବାଦୀ ଦମନ ପାଇଁ ରବିବାର ଧମତାରୀ ଥାନା ଅନ୍ତର୍ଗତ ଜଙ୍ଗଲରେ ତଲାସି ଅଭିଯାନ କରାଯାଉଥିଲା । ଏହି ସମୟରେ ଯବାନମାନେ ମାଓବାଦୀଙ୍କ ସହ ମୁହାଁମୁହିଁ ହୋଇଥିଲେ । ସେମାନେ ଯବାନଙ୍କ ଉପରକୁ ପ୍ରଥମେ ଗୁଳି ଚଳାଇବାରୁ ଯବାନମାନେ ମଧ୍ୟ ଏହାର ପାଲଟା ଜବାବ ଦେଇଥିଲେ । ଦୀର୍ଘ ସମୟ ଧରି ଉଭୟ ପକ୍ଷ ମଧ୍ୟରେ ଗୁଳି ବିନିମୟ ଜାରି ରହିଥିଲା । ତେବେ ଯବାନଙ୍କ ଗୁଳିର ସାମ୍ନା କରି ନ ପାରି ମାଓବାଦୀମାନେ ସେଠାରୁ ଛତ୍ରଭଙ୍ଗ ଦେଇ ଲୁଚି ପଳାଇଥିଲେ । ପରେ ଜଙ୍ଗଲରେ ଯବାନମାନେ ତଲାସି କଲା ବେଳେ ମଙ୍ଗଳଙ୍କ ମୃତଦେହ ଠାବ କରିଥିଲେ । ସେ ମାଓବାଦୀ ସେଣ୍ଟ୍ରାଲ କମିଟି ମେମ୍ବର ଗଣେଶ ଉଇକାଙ୍କ ଦେହରକ୍ଷୀ ଥିଲେ ବୋଲି ଜଣାପଡିଛି ।

# ଦୁର୍ଗମ ଅଞ୍ଚଳ ଯନ୍ତ୍ରୀ ବୁଥ୍ ଅଭିମୁଖେ ବୋଟ୍‌ରେ ଗଲେ ପୋଲିଂ ପାର୍ଟି



ଗୁରୁପ୍ରିୟା ନଦୀରେ ଯନ୍ତ୍ରୀ ପଞ୍ଚାୟତକୁ ବୋଟ୍‌ରେ ଯାଉଛନ୍ତି ପୋଲିଂ ଅଧିକାରୀ ।

ଚିତ୍ରକୋଣ୍ଡା/ମାଲକାନଗିରି, ୧୨।୫ (କ୍ଷୀରୋଦ ବେହେରା / ଦୁର୍ଯ୍ୟୋଧନ ପାତ୍ର)

୧୩ ତାରିଖରେ ହେବାକୁ ଥିବା ସାଧାରଣ ନିର୍ବାଚନ ପାଇଁ ସୋମବାର ସକାଳ ସାଢେ ୯ଟାରେ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳର ଦୁର୍ଗମ ଯନ୍ତ୍ରୀ ପଞ୍ଚାୟତର ବୁଥ ଅଭିମୁଖେ ପୋଲିଂ ପାର୍ଟି ବାହାରିଛନ୍ତି । ସ୍ୱିଲବାଇ ଲଞ୍ଚଠାରେ ସେମାନେ ପହଞ୍ଚିବା ପରେ ଚିତ୍ରକୋଣ୍ଡା ବ୍ଲକ ପ୍ରଶାସନ ସହିତ ମିଶନ ଶକ୍ତିର ମହିଳା ମାନେ ପୋଲିଂ ପାର୍ଟିର ଶୁଭମନାସୀ ସେମାନଙ୍କୁ ବନ୍ଦାପନା କରି ଲଞ୍ଚ ମଧ୍ୟକୁ ପାଛୋଟି ନେଇଥିଲେ । ଚଳିତ ନିର୍ବାଚନରେ ଚିତ୍ରକୋଣ୍ଡା ବ୍ଲକରେ ସମୁଦାୟ ୫୪ଟି ବୁଥରେ ମତଦାନ ନିମନ୍ତେ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି । ସେଥିମଧ୍ୟରୁ ୧୪ଟି ସମ୍ବେଦନଶୀଳ ବୁଥ ରହିଛି । ପୂର୍ବରୁ ଏହିସବୁ ଅଞ୍ଚଳ ଲାଲଗଡ଼ ରୂପେ ପରିଚିତ ଥିଲା । ବନ୍ଧୁକ ମୁନରେ ଲାଲ ବାହିନୀ ଏହିସବୁ ଅଞ୍ଚଳରେ ରାଜୁତି କରୁଥିଲା । ଲାଲ ବାହିନୀ ଭୟରେ ଲୋକେ ଭୋଟ ଦେବାକୁ ଆସୁ ନ ଥିଲେ । ସୁରକ୍ଷା ଦୃଷ୍ଟିରୁ ସ୍ୱାଭିମାନ ଅଞ୍ଚଳର ମତଦାନ କେନ୍ଦ୍ରଗୁଡିକରେ ମତଦାନ କରିବା ସମ୍ଭବ ହୋଇ ପାରୁ ନ ଥିଲା । ଗୁରୁପ୍ରିୟା ସେତୁ ନିର୍ମାଣ ପରେ ସ୍ୱାଭିମାନ ଅଞ୍ଚଳରେ ବହୁ ଉନ୍ନତି ହୋଇଛି । ଗ୍ରାମକୁ ଗ୍ରାମ ରାସ୍ତା ନିର୍ମାଣ ହେବା ସହ ପ୍ରତି ଘରେ ବିଜୁଳି ଆଲୋକ ପହଞ୍ଚିଛି । ବିଭିନ୍ନ ସ୍ଥାନରେ ବିଏସ୍ଏଫ୍ କ୍ୟାମ୍ପ ନିର୍ମାଣ ହୋଇଛି । ଫଳରେ ଲାଲବାହିନୀର ଦୁର୍ଗ ଭୁଶୁଡିପଡିଛି । ଅଞ୍ଚଳବାସୀ ଶାନ୍ତିରେ ବସବାସ କରୁଛନ୍ତି । ଏହିସବୁ ଅଞ୍ଚଳରେ ଗତଥର ୬୭ ପ୍ରତିଶତ ମତଦାନ ହୋଇଥିଲା । ଭୋଟ ପାଇଁ ଏହିସବୁ ଅଞ୍ଚଳରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଗତ ପଞ୍ଚାୟତ ନିର୍ବାଚନରେ ଭୋଟ ଦେବା ପାଇଁ ଲୋକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ପରିଲକ୍ଷିତ ହେଉଥିଲା । ମତଦାନ ସମୟରେ ଯେଭଳି କୌଣସି ବିଶୃଙ୍ଖଳା ଦେଖା ନଯାଏ ସେଥିପ୍ରତି ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି ।

### ଶୁଭମନାସୀ ବନ୍ଦାପନା କଲେ ମିଶନ ଶକ୍ତି ମହିଳା

# ୯ ଲକ୍ଷ ୭୭ ହଜାର ଭୋଟରଙ୍କ ହାତରେ ୫୯ ପ୍ରାର୍ଥୀଙ୍କ ଭାଗ୍ୟ

କୋରାପୁଟ/ସୁନାବେଡା, ୧୨।୫ (ଅମିତାଭ ବେହେରା/ କୃତ୍ତିବାସ ପ୍ରଧାନ)

ସୋମବାର ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ହେବ । କୋରାପୁଟ ଜିଲାର ନିର୍ବାଚନ ମଇଦାନରେ ମୋଟ ୫୯ ଜଣ ପ୍ରାର୍ଥୀ ରହିଛନ୍ତି । ସେମାନଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ଜିଲାର ୯ ଲକ୍ଷ ୭୭ ହଜାର ୨୪୫ ଭୋଟର । ଏଥିପାଇଁ ଜିଲାର ୫ଟି ବିଧାନସଭାରେ ୧୧୫୯ଟି ବୁଥ ପ୍ରସ୍ତୁତ ହୋଇଛି । ଏଥିମଧ୍ୟରେ ରହିଥିବା ୧୪୫ ଟି ସମ୍ବେଦନଶୀଳ ବୁଥରେ ଜିଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଦୃଷ୍ଟି ରଖାଯାଇଛି । ସେହିପରି ଜିଲାରେ ୧୧୭ ଟି ସଖୀ ବୁଥ କରାଯାଇଛି । ସେହିପରି ସୁନାବେଡା ପୌରାଞ୍ଚଳରେ ସୋମବାର ଦଳୀୟ ଓ ସ୍ୱାଧୀନ ଏପରି ୧୨ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ୧ଲକ୍ଷ ୯୨ହଜାର ୪୮୬ ଭୋଟର୍ । ଏଥିପାଇଁ ସୁନାବେଡା ପୋରାଞ୍ଚଳରେ ୩୯ଟି ବୁଥ ହୋଇଛଇ । ପୌରାଞ୍ଚଳରେ ୩୮ହଜାର ୮୬୦ ଭୋଟର ରହିଛନ୍ତି । ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ମଧ୍ୟରେ ସ୍ୱାଧୀନ ପ୍ରାର୍ଥୀ ୪ ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ମଇଦାନରେ ଅବତୀର୍ଣ୍ଣ ପ୍ରାର୍ଥୀମାନେ ଭୋଟର୍‌ଙ୍କୁ ଆକୃଷ୍ଟ କରିବା ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ କରୁଥିବା ଦେଖିବାକୁ ମିଳୁଛି ।

# ବିଜେଡି ପ୍ରାର୍ଥୀଙ୍କ ପୁରସ୍କାର ଘୋଷଣା

ସେମିଳିଗୁଡା/ସୁନାବେଡା ୧୨।୫ (ବାସୁଦେବ ବରାଡ/କୃତ୍ତିବାସ ପ୍ରଧାନ)

ପଟ୍ଟାଙ୍ଗୀ ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥୀ ପ୍ରଫୁଲ୍ଲ ପାଙ୍ଗି ଭୋଟର୍‌ମାନଙ୍କୁ ଆକୃଷ୍ଟ କରିବା ପାଇଁ ଏକ ନୂଆ ଫର୍ମୁଲା ଆପଣାଇଥିବା ଜଣାପଡିଛି । ଏ ସମ୍ପର୍କିତ ଏକ ଭିଡ଼ିଓ ମୋବାଇଲ ରୁ ମୋବାଇଲକୁ ଘୁରି ବୁଲୁଛି । ଯେଉଁଥିରେ ଖୋଦ ବିଜେଡି ପ୍ରାର୍ଥୀ ପ୍ରଫୁଲ୍ଲ ପାଙ୍ଗି ଲୋକଙ୍କୁ ପୁରସ୍କାର ବାବଦରେ ବୁଝାଉଛନ୍ତି । ତାଙ୍କ କହିବା ମୁତାବକ ଯେଉଁ ପଞ୍ଚାୟତରୁ ଅଧିକ ଭୋଟ ତାଙ୍କ ସପକ୍ଷରେ ଆସିବ ସେହି ପଞ୍ଚାୟତକୁ ୧ଲକ୍ଷ ପୁରସ୍କାର ପ୍ରଦାନ କରାଯିବ । ସେହିଭଳି ଦ୍ୱିତୀୟରେ ୭୫ ହଜାର ଓ ତୃତୀୟ ପଞ୍ଚାୟତକୁ ୫୦ ହଜାର ଟଙ୍କାର ଚେକ୍ ଆକାରରେ ପୁରସ୍କାର ସ୍ୱରୂପ ପ୍ରଦାନ କରାଯିବ । ପଟ୍ଟାଙ୍ଗି, ସେମିଳିଗୁଡା ଓ ନନ୍ଦପୁର ବ୍ଲକରେ ୩ଟି ଲେଖାଏ ପୁରସ୍କାର ଦେବାକୁ ପାଙ୍ଗି କହିଛନ୍ତି । ଏହାବ୍ୟତୀତ ସବୁ ଧର୍ମକୁ ସମ୍ମାନ ଦେଇ ସମସ୍ତଙ୍କ ମଙ୍ଗଳ କାମନା କରି ଶୁକ୍ରବାର ଉପବାସ ରହୁଛି ବୋଲି ମଧ୍ୟ ଭିଡିଓରେ କହୁଥିବା ଜଣାପଡିଛି ।

# ଅନ୍ତର୍ଜାତୀୟ ସେବିକା ଦିବସ ପାଳିତ

ଦାମନଯୋଡ଼ି, ୧୨।୫ (ମାନସ ରଞ୍ଜନ କର)

କୋରାପୁଟ ବ୍ଲକ ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ରବିବାର ଅନ୍ତର୍ଜାତୀୟ ସେବିକା ଦିବସ ପାଳିତ ହୋଇଯାଇଛି । ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା.ସୁମନ ଟପ୍ପୋଙ୍କ ତତ୍ତ୍ୱାବଧାନରେ ହୋଇଥିବା କାର୍ଯ୍ୟକ୍ରମରେ ଡା ସୁଶ୍ରିତା ଦାସ ଫ୍ଲୋରେନ୍ସ ନାଇଟେଙ୍ଗଲଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ରୋଗୀମାନଙ୍କୁ ନିଷ୍ଠାପର ସ୍ୱାସ୍ଥ୍ୟସେବା ଯୋଗାଇବାରେ ସେବିକାମାନଙ୍କ ଅବଦାନ ସମ୍ପର୍କରେ ଡାକ୍ତରମାନେ ଆଲୋକପାତ କରିଥିଲେ ।

# କୋଟପାଡ଼ ସହର ପାଇଁ ୮ ସଖୀ ବୁଥ୍

କୋଟପାଡ଼, ୧୨।୫(କେ.ରାଜଶେଖର ରାଓ)




ମତଦାନ ଲାଗି ହୋଇଥିବା ସଖୀ ବୁଥ୍ ।

ଅବିଭକ୍ତ କୋରାପୁଟ ଜିଲ୍ଲାରେ ସୋମବାର ପ୍ରଥମ ପର୍ଯ୍ୟାୟ ଭୋଟ ହେବ । ଏଥିପାଇଁ ଶନିବାରଠାରୁ ନିର୍ବାଚନ ପ୍ରଚାର ବନ୍ଦ ରହିଛି । କୋଟପାଡ଼ ବିଧାନସଭା ଅଞ୍ଚଳରେ ଥିବା ୨ ଲକ୍ଷ ୮ ହଜାର ୯୨୬ ଭୋଟର ମତଦାନ କରିବେ । ଏଥିରୁ ମହିଳା ଭୋଟର ୧ ଲକ୍ଷ ୭ ହଜାର ୫୪୦ ରହିଥିବା ବେଳେ ପୁରୁଷ ଭୋଟର ୧ ଲକ୍ଷ ୧ ହଜାର ୩୭୫ ଏବଂ ତୃତୀୟ ଲିଙ୍ଗ ୧୧ଜଣ ଭୋଟର ଲୋକ ସଭା ଓ ବିଧାନସଭା ସକାଶେ ଭୋଟ ଦେବେ । କୋଟପାଡ଼ ନିର୍ବାଚନ ମଣ୍ଡଳୀ ପାଇଁ ୨୪୩ ବୁଥ୍ ହୋଇଛି । ପ୍ରତ୍ୟେକ ବୁଥରେ ୫ ଜଣ ପୋଲିଂ ଅଫିସର, ଜଣେ ପ୍ରିଜାଇଡିଂ ଅଫିସର, ୩୬ ଜଣ ସେକ୍ଟର ଅଫିସର ଓ ଜଣେ ଲେଖାଏ ସୁରକ୍ଷା କର୍ମୀ ନିଯୁକ୍ତ ହୋଇଛନ୍ତି । ମିଦାନ ବେଳେ କୌଣସି ଯାନ୍ତ୍ରିକ ତ୍ରୁଟି ହେଲେ ଅତିରିକ୍ତ ୫୫ଟି ମେଶିନ ରଖାଯାଇଥିବା ଜଣାପଡିଛି । କୋଟପାଡ଼ ସହରାଞ୍ଚଳରେ ୧୩ଟି ୱାର୍ଡ ରହିଥିବା ବେଳେ ଏଏଏସି ୮ଟି ସଖୀ ମତଦାନ କେନ୍ଦ୍ର କରାଯାଇଛି । ଏହି ନିର୍ବାଚନ ମଣ୍ଡଳୀରେ କୁନ୍ଦୁରା, କୋଟପାଡ଼ ବ୍ଲକ ସମେତ ବୋରିଗୁମ୍ମା ବ୍ଲକର ୧୧, ବୈପାରିଗୁଡା ବ୍ଲକର ୭ଟି ପଞ୍ଚାୟତର ଭୋଟର ଭୋଟ ଦେବେ । ଏଡିଏମ ଆଲୋକମଣି ସେଠୀ ନିର୍ବାଚନ ପରିଚାଳନା ଦାୟିତ୍ୱରେ ଅଛନ୍ତି ।

# ସାପ କାମୁଡାରେ ନାବାଳିକାଙ୍କ ମୃତ୍ୟୁ

ଦଶମନ୍ତପୁର, ୧୨।୫ (ଅରବିନ୍ଦ ନାୟକ)

ଦଶମନ୍ତପୁର ବ୍ଲକ ସଦର ପଞ୍ଚାୟତ ଅନ୍ତର୍ଗତ ବଦଲିକୁଡୁମା ଗ୍ରାମରେ ସାପ କାମୁଡାରେ ଜଣେ ନାବାଳିକାଙ୍କ ମୃତ୍ୟୁ ହୋଇଛି । ସେ ହେଲେ ଗ୍ରାମର ଅଭି ଗୌଡ଼ଙ୍କ ଝିଅ ଦେବତୀ(୧୪) ରବିବାର ସକାଳେ ଦେବକୀ ନିଜ ଗୋରୁ ଗୁହାଳରେ ଗୋବର କାଢୁ ଥିବା ସମୟରେ ଏକ ନାଗ ସାପ ତାଙ୍କୁ କାମୁଡି ଦେଇଥିଲା । ସେସମୟରେ ତାଙ୍କ ମା'ବାପା କାମ କରିବାକୁ ଯାଇଥିବା ବେଳେ ସମ୍ପର୍କୀୟମାନେ ତାଙ୍କୁ ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କୋରାପୁଟ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । କୋରାପୁଟ ନେଉଥିବା ବେଳେ ବାଟରେ ଦେବତୀଙ୍କ ମୃତ୍ୟୁ ହୋଇଯାଇଥିଲା ।

# ଜିଲାର ୫୪୭ ବୁଥ୍‌ରେ ପହଞ୍ଚିଲେ ପୋଲିଂ କର୍ମଚାରୀ

ମାଲକାନଗିରି, ୧୨।୫(ଦୁର୍ଯ୍ୟୋଧନ ପାତ୍ର)

ସୋମବାର ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ । ମାଲକାନଗିରି ଜିଲାର ୨ଟି ବିଧାନସଭା ନିର୍ବାଚନମଣ୍ଡଳୀର ୧୫ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା ହେବ । ମାଲକାନଗିରି ଜିଲାର ପ୍ରାୟ ୪ ଲକ୍ଷ ୫୨ ହଜାର ୫୪୪ ଭୋଟର ସେମାନଙ୍କ ମତଦାନ ସାବ୍ୟସ୍ତ କରିବେ । ଜିଲାର ସମସ୍ତ ପୋଲିଂ କର୍ମଚାରୀ ବୁଥ୍‌ରେ ପହଞ୍ଚି ସମସ୍ତ ପ୍ରସ୍ତୁତି ଚଳାଇଛନ୍ତି । ଜିଲାରେ ଥିବା ମୋଟ ୫୪୭ ବୁଥ ମଧ୍ୟରୁ ୫୧୫ଟିରେ ପୋଲିଂ କର୍ମଚାରୀ ଶନିବାର ନିଜ ନିଜ ବୁଥରେ ପହଞ୍ଚିଥିବା ବେଳେ ସୋମବାର ବଳକା ୩୨ ବୁଥର କର୍ମଚାରୀ ସେମାନଙ୍କ ବୁଥରେ ପହଞ୍ଚିଛନ୍ତି । ଏହି ବୁଥ୍‌ଗୁଡିକ ମଧ୍ୟରୁ ୧୧୪ଟି ସମ୍ବେଦନଶୀଳ ବୁଥ ରହିଛି । ଛତିଶଗଡ଼ ସୀମାନ୍ତ ମାଲକାନଗିରି ଜିଲାର ଚିଡିପାଲ୍ଲି ଖ ଗ୍ରାମର ବୁଥ୍ ଓ ଜିଲା ସଦର ମହକୁମାର ତଳସାହିର ସଖୀ ବୁଥରେ ପୋଲିଂ କର୍ମଚାରୀମାନେ ପହଞ୍ଚି ମତଦାନ ଲାଗି ପ୍ରସ୍ତୁତି ଆରମ୍ଭ କରିଛନ୍ତି । ସେମାନେ ଫର୍ମ ସଟିଂ,ମତଦାନ ଗୃହ, ଭୋଟର ସ୍ଲିପ ଦସ୍ତଖତ, ଭୋଟର ଲିଷ୍ଟ ତଦାରଖ ସହ ଇଭିଏମ ଏବଂ ଭିଭିପଏଟି ପରଖୁଥିବା ଦେଖାଯାଇଛି । ମତଦାନ ପ୍ରକ୍ରିୟା ତଦାରଖ ପାଇଁ ପ୍ରାୟ ୬୦ ପ୍ରତିଶତ ବୁଥରେ ସିସି ଟିଭି କ୍ୟାମେରା ଲଗାଯାଇଛି ।



ପୋଲିଂ କର୍ମଚାରୀମାନେ ବୁଥ୍‌ରେ ମତଦାନ ପ୍ରସ୍ତୁତି ତଦାରଖ କରୁଛନ୍ତି ।

# ଭୋଟ ବର୍ଜନ କରିବେ ଦେବଷଣ୍ଢଗୁଡ଼ାବାସୀ

ନନ୍ଦପୁର, ୧୨।୫(ଶଙ୍କର ପୂଜାରୀ)

### ବାସକୀ ନଦୀ ଉପରେ ପୋଲ ନିର୍ମାଣ ଦାବି

■ ବାରମ୍ବାର ଜଣାଇ ଗୁରୁତ୍ୱ ଦେଇନି ପ୍ରଶାସନ
■ ସମସ୍ତ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି ଗ୍ରାମବାସୀ
■ ପୋଲ ନିର୍ମାଣ ପାଇଁ ପ୍ରସ୍ତାବ ଦେଇଛୁ:ବିଡିଓ




ଭୋଟ ବର୍ଜନ ପାଇଁ ନିଷ୍ପତ୍ତି ନେଇଥିବା ଗ୍ରାମବାସୀ ।

କୋରାପୁଟ ଜିଲା ନନ୍ଦପୁର ବ୍ଲକ ରାଇସିଂ ପଞ୍ଚାୟତ ଅନ୍ତର୍ଗତ ଦେବଷଣ୍ଢଗୁଡା ଗ୍ରାମବାସୀ ଭୋଟ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଗ୍ରାମ ସମ୍ମୁଖରେ ଥିବା ବାସକୀ ନଦୀ ଉପରେ ପୋଲ ନିର୍ମାଣ ନାହିଁ ତ ଭୋଟ ନାହିଁ ସୂଚନା ଥିବା ଫଳକ ମାରି, ରାସ୍ତାରେ ବାଡ ପକାଇ ଭୋଟ ବର୍ଜନ କରିବାକୁ ଗ୍ରାମବାସୀ ନିଷ୍ପତ୍ତି ନେଇଥିବା ପ୍ରକାଶ କରିଛନ୍ତି । ଦେଶ ସ୍ୱାଧୀନ ହୋଇ ୭୬ ବର୍ଷ ପୂରିଲା । ମାତ୍ର ଆମେ ବଣୁଆ ଜୀବନ କାଟୁଛୁ । ଗ୍ରାମ ସମ୍ମୁଖରେ ଥିବା ବାସକୀ ନଦୀ ଆମ ଗ୍ରାମ ବିକାଶରେ ବାଧକ ସାଜିଛି । ଫଳରେ ସରକାରଙ୍କ ସମସ୍ତ ମୌଳିକ ସୁବିଧାରୁ ଆମେ ବଞ୍ଚିତ ହୋଇଛୁ । ରାସ୍ତା ଘାଟ, ପାଣି ଓ ପରିମଳ ଶିକ୍ଷା, ସ୍ୱାସ୍ଥ୍ୟ, ଆବାସ, ବିଦ୍ୟୁତ୍ ଆଦି ସୁବିଧା ଗ୍ରାମବାସୀଙ୍କ ନିକଟରେ ଅପହଞ୍ଚ ରହିଛି । ବିପଦ ସଙ୍କୁଳ ଭାବରେ ବାସକୀ ନଦୀର ସୁଅ ପାରକରି ୪ କି.ମି. ଦୂର ଗଲେ ଶିଶୁଙ୍କୁ ଅଙ୍ଗନୱାଡି କେନ୍ଦ୍ର, ଛାତ୍ରୀଛାତ୍ରଙ୍କୁ ପ୍ରାଥମିକ ଶିକ୍ଷା, ରୋଗୀଙ୍କୁ ସାସ୍ଥ୍ୟସେବା, ପରିବାରକୁ ରାଶନ, ବୃଦ୍ଧାବୃଦ୍ଧଙ୍କୁ ଭତ୍ତା ମିଳୁଛି । ନଦୀ ଉପରେ ପୋଲ ନିର୍ମାଣ କରିବାକୁ ବାରମ୍ବାର ରାଜନେତାଙ୍କ ସମେତ ରାଇସିଂ ପଞ୍ଚାୟତ, ନନ୍ଦପୁର ବ୍ଲକ ଓ କୋରାପୁଟ ଜିଲାପାଳଙ୍କୁ ଭେଟି ଲିଖିତ ଏବଂ ମୌଖିକ ଭାବେ ଜଣାଇଥିଲେ ମଧ୍ୟ କେହି ଆମ ସମସ୍ୟା ପ୍ରତି ଗୁରୁତ୍ୱ ଦେଇ ନ ଥିବା କହିଛନ୍ତି । ଏଯାଏ ପଞ୍ଚାୟତ ହେଉ କି ସାଧାରଣ ନିର୍ବାଚନରେ ଭୋଟ ଦେଇ ଆମେ ନିରାଶ ହୋଇଛୁ । ଫଳରେ ସମସ୍ତ ଗ୍ରାମବାସୀ ଏକଜୁଟ ହୋଇ ସୋମବାର ସକାଳେ ହେବାକୁ ଥିବା ନିର୍ବାଚନ ବର୍ଜନ କରିବୁ । ଗ୍ରାମର କେହି ଭୋଟ ଦେବୁ ନାହିଁ ବୋଲି ଗ୍ରାମର ସାଧୁ ଖରା, ଡମଣା ଖରା, ନରି ଖରା, ସୁରେନ୍ଦ୍ର ଖରା, ପୂର୍ଣ୍ଣ ଖରା, ନାସୁ ଖରା ପ୍ରମୁଖ କହିଛନ୍ତି । ଘଟଣା ସମ୍ପର୍କରେ ନନ୍ଦପୁର ବିଡିଓ ଦୁର୍ଗା ପ୍ରସାଦ ଦୋରାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଲେ, ସପ୍ତାହେ ତଳେ ଦେବଷଣ୍ଢଗୁଡ଼ା ଗ୍ରାମବାସୀ ବ୍ଲକ କାର୍ଯ୍ୟାଳୟକୁ ଆସି ଗ୍ରାମର ସମସ୍ୟା ଓ ଭୋଟ ବର୍ଜନ ସମ୍ପର୍କରେ ଅଭିଯୋଗ ପତ୍ର ଦେଇଥିଲେ । ପୂର୍ବରୁ ବ୍ଲକ ପ୍ରଶାସନ ପକ୍ଷରୁ ଗ୍ରାମ ପରିଦର୍ଶନ କରାଯାଇଥିଲା । ବାସକୀ ନଦୀର ଆକାର ବଡ ଥିବାରୁ ପୋଲ ନିର୍ମାଣ ପାଇଁ ବହୁ ପୂର୍ବରୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଏସ. ବିଲାପୁଟଠାରୁ କସନ୍ଦି ରାସ୍ତା ଓ ପୋଲ ନିର୍ମାଣ ପାଇଁ ପ୍ରସ୍ତାବ ଦେଇଛୁ । ଏହାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ସୁନାବେଡା ବିଭାଗୀୟ ମଞ୍ଜୁରୀ ନିମନ୍ତେ ରାଜ୍ୟସ୍ତରକୁ ପଠାଇଛନ୍ତି । ଗ୍ରାମବାସୀଙ୍କ ଭୋଟ ବର୍ଜନ ନିଷ୍ପତ୍ତି ସମ୍ପର୍କରେ ଜିଲା ପ୍ରଶାସନକୁ ଅବଗତ କରାଯାଇଛି । ଆଉଥରେ ଗ୍ରାମକୁ ଯାଇ ଲୋକଙ୍କ ସହ ଆଲୋଚନା କରି ଲୋକଙ୍କୁ ଭୋଟ ଦେବାକୁ ବୁଝାଯିବ ବୋଲି ବିଡିଓ ଦୋରା କହିଛନ୍ତି ।

# କୋରାପୁଟରେ ୩ ସାହିବାସିନ୍ଦା କରିବେ ଭୋଟ ବର୍ଜନ

କୋରାପୁଟ,(ଅମିତାଭ ବେହେରା)

କୋରାପୁଟ ପୌରପରିଷଦ ଅନ୍ତର୍ଗତ ୯ନମ୍ବର ଓାର୍ଡର ମା' କନକଦୁର୍ଗା ମନ୍ଦିର, ରାମ ନଗର ଓ ମାଳିସାହିର ବାସିନ୍ଦାମାନେ ଭୋଟ ବର୍ଜନ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି । ରାସ୍ତା, ପାନୀୟଜଳ ଓ ଡ୍ରେନ ଆଦି ମୌଳିକ ସମସ୍ୟାଗୁଡିକ ୫ବର୍ଷ ହେଲା ସମାଧାନ ନ ହେବାରୁ ଏଭଳି ନିଷ୍ପତ୍ତି ନେଇଥିବା ସାହିବାସିନ୍ଦା ପ୍ରକାଶ କରିଛନ୍ତି । ୩ ସାହିରେ ପାଖାପାଖି ୨୦୦ ଘର ରହିଥିବା ବେଳେ ୨୬୫୦ ଭୋଟର ରହିଛନ୍ତି । ଦୀର୍ଘଦିନ ହେଲା ଏହି ୩ ସାହିରେ ରାସ୍ତା, ପାନୀୟଜଳ ଓ ଡ୍ରେନ ସମସ୍ୟା ଲାଗି ରହିଛି । ଏ ସଂକ୍ରାନ୍ତରେ ପୌର ପରିଷଦର ଦୃଷ୍ଟି ଆକର୍ଷଣ କରିବା ପରେ ମଧ୍ୟ କୌଣସି ସୁଫଳ ମିଳି ନାହିଁ । ରାସ୍ତା ନାହିଁ ତ ଭୋଟ ନାହିଁ ନାରା ଦେଇ ୩ ସାହିବାସିନ୍ଦା ଏକାଠି ହେବା ସହ ଚଳିତ ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ପ୍ରକାଶ କରିଛନ୍ତି । କୋରାପୁଟ ପୌର ଅଧକ୍ଷ ଲଲାଟ ରଞ୍ଜନ ସେଠୀ ଲୋକମାନଙ୍କ ସହ ଆଲୋଚନା କରି ମତଦାନ କରିବାକୁ ନିବେଦନ କରିଛନ୍ତି ।

# ଆଜି ୪୧ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଣ୍ଣୟ କରିବେ ଭୋଟର

ରାୟଗଡା,୧୨।୫(ଆଶିଷ ରଞ୍ଜନ ପଣ୍ଡା)

ଚଳିତ ସାଧାରଣ ନିର୍ବାଚନ ପାଇଁ ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟରେ ସୋମବାର ରାୟଗଡ଼ାରେ ମତଦାନ କରାଯିବ। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଛି। କୋରାପୁଟ ଲୋକ ସଭା ଆସନ ଏବଂ ରାୟଗଡ଼ାର ୩ ବିଧାନସଭା ପାଇଁ ନିର୍ବାଚନ ରଣାଙ୍ଗନରେ ୪୧ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। କୋରାପୁଟ ଲୋକ ସଭା ପାଇଁ ୧୧ଜଣ ଏମ୍‌ପି ପ୍ରାର୍ଥୀ, ରାୟଗଡା ବିଧାନସଭା ଆସନର ୧୦, ବିଷମକଟକ ବିଧାନସଭା ଆସନର ୮ ଏବଂ ଗୁଣପୁର ବିଧାନସଭା ଆସନର ୧୨ ବିଧାୟକ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଣ୍ଣୟ କରିବେ ମତଦାତା।

ରାୟଗଡା ଜିଲାର ଗୁଣପୁର, ବିଷମକଟକ ଓ ରାୟଗଡା ନିର୍ବାଚନମଣ୍ଡଳୀର ମୋଟ ୮୮୪ ବୁଥ୍‌ରେ ସୋମବାର ମତଦାନ ହେବ। ମତଦାନ ସୋମବାର ସକାଳ ୭ରୁ ଆରମ୍ଭ ହୋଇ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପ୍ରତ୍ୟେକ ବୁଥ୍ ପାଇଁ ଜଣେ ପ୍ରିଜାଇଡ଼ିଂ ଅଫିସର ଏବଂ ୫ଜଣ ପୋଲିଂ ଅଫିସର ନିୟୋଜିତ ହୋଇଛନ୍ତି। ଜିଲାରେ ମୋଟ ୫୩୦୪ଜଣ ପୋଲିଂ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଏଥି ସହିତ ଜରୁରୀକାଳିନ ବ୍ୟବସ୍ଥା ପାଇଁ ଅତିରିକ୍ତ କର୍ମଚାରୀ ମଧ୍ୟ ରିଜର୍ଭ ରଖାଯାଇଥିବା ଜଣାପଡିଛି। ୩ଟି ନିର୍ବାଚନମଣ୍ଡଳୀରେ ୮୮୪ ବୁଥ୍ ମଧ୍ୟରୁ ଗୁଣପୁରରେ ୨୯୦ ବୁଥରେ ୧୭୫୮ କର୍ମଚାରୀ, ବିଷମକଟକଠାରେ ୨୯୩ ବୁଥ୍‌ରେ ୧୭୪୦ କର୍ମଚାରୀ ଏବଂ ରାୟଗଡାଠାରେ ୩୦୧ ବୁଥ୍‌ରେ ୧୮୦୬ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଗୁଣପୁରର ୨୯୦ ବୁଥ୍ ମଧ୍ୟରେ ପୌରାଞ୍ଚଳର ଲକ୍ଷ୍ମଣପେଠ ଠାରେ ଗୋଟିଏ ଆକ୍ସିଲରି ବୁଥ୍ ରହିଛି। ଆବଶ୍ୟକତାକୁ ଦେଖି ଏହି ବୁଥ୍ ଗଠନ କରାଯାଇଥିବା ସୂଚନା ମିଳିଛି। ତେବେ ଜିଲାରେ ୧୨୧ଟି ସମ୍ବେଦନଶୀଳ ବୁଥ୍ ଥିବାରୁ ଏଠାରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ସେଥିମଧ୍ୟରୁ ଗୁଣପୁରରେ ୩୭ଟି, ବିଷମକଟକରେ ୪୦ଟି ଏବଂ ରାୟଗଡାଠାରେ ୪୪ଟି ସମ୍ବେଦନଶୀଳ ବୁଥ୍ ରହିଛି । ଉକ୍ତ ବୁଥ୍‌ରେ ମତଦାନ ପ୍ରକ୍ରିୟା ସୁଚାରୁ ରୂପେ ପରିଚାଳନା ପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ସେହିପରି ଆଦର୍ଶ ବୁଥ୍ ମଧ୍ୟରୁ ସଖୀ ବୁଥ ୮୮ଟି, ଯୁବ ବର୍ଗ ବୁଥ୍ ୧୫ଟି, ଦିବ୍ୟାଙ୍ଗ ବୁଥ୍ ୩ଟି, ଆଦିମ ଜନଜାତି ପାଇଁ ଗୋଟିଏ ଏବଂ ଗୋଟିଏ ଇକୋ ଫ୍ରେଣ୍ଡଲି ବୁଥ୍ ବ୍ୟବସ୍ଥା କରାଯାଇଛି।

ବିଷମକଟକ ନିର୍ବାଚନମଣ୍ଡଳୀ ପାଇଁ ଶନିବାର ସମସ୍ତ ପୋଲିଂ ଅଧିକାରୀ ଜିସିଡି ହାଇସ୍କୁଲରେ ରିପୋର୍ଟିଂ କରି ସମସ୍ତ ବୁଥ୍‌ରେ ପହଞ୍ଚିଛନ୍ତି। ସେହିଭଳି ଗୁଣପୁର ପାଇଁ ବାରିଝୋଲାସ୍ଥିତ ଏକଲବ୍ୟ ମଡେଲ ସ୍କୁଲଠାରୁ ବିଷମକଟକ ଓ ରାୟଗଡାଠାରେ ରହିଥିବା ସମସ୍ତ ବୁଥ୍‌ରେ ପହଞ୍ଚିଛନ୍ତି। ଏକଲବ୍ୟ ମଡେଲ ସ୍କୁଲଠାରେ ରବିବାର ଜିଲାପାଳ ମନୋଜ ସତ୍ୟୱାନ ମହାଜନ, ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ, ଏସ୍‌ପି ହରିଶ ବି.ସି., ଅତିରିକ୍ତ ଏସ୍‌ପି ବିଷ୍ଣୁ ପ୍ରସାଦ ପାତ୍ର ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ନିର୍ବାଚନ କାର୍ଯ୍ୟର ସମୀକ୍ଷା କରିବା ପାଇଁ ରବିବାର ସକାଳେ ବ୍ରହ୍ମପୁରରୁ ଆରଡିସି ଆର.ଏସ.ଗୋପାଳନ ପହଞ୍ଚି ସମୀକ୍ଷା କରିଥିଲେ। ତେବେ ଚଳିତ ନିର୍ବାଚନରେ ଜିଲାରେ ପ୍ରାୟ ୨୦ ହଜାର ଅଧିକ ଭୋଟର ଯୋଡି ହୋଇଛନ୍ତି । ଜିଲାରେ ମୋଟ ୭୧,୩,୧୫୩ ଭୋଟରଙ୍କ ମଧ୍ୟରୁ ଗୁଣପୁର ନିର୍ବାଚନମଣ୍ଡଳୀରେ ୨୨,୩,୯୪୭ ଭୋଟର, ବିଷମକଟକରେ ୨୩,୪,୨୫୩ ଭୋଟର ଏବଂ ରାୟଗଡାରେ ୨୫,୪୯୫୩ ଭୋଟର ରହିଛନ୍ତି। ସେମାନଙ୍କ ମଧ୍ୟରୁ ଜିଲାରେ ୩,୩୫,୯୭୭ ପୁରୁଷ, ୩,୭୬,୯୮୮ ମହିଳା ଏବଂ ୧୮୮ଜଣ ଟ୍ରାନ୍ସଜେଣ୍ଡର ଭୋଟର ରହିଛନ୍ତି। ନିର୍ବାଚନକୁ ସୁରକ୍ଷିତ ଓ ଶାନ୍ତିଶୃଙ୍ଖଳାର ସହିତ ସମାପନ କରିବା ପାଇଁ ବ୍ୟାପକ ପୋଲିସ ମୁତୟନ କରାଯାଇଛି ।


ମତଦାନ କେନ୍ଦ୍ରକୁ ଯିବା ପାଇଁ ରାୟଗଡ଼ାରେ ଅପେକ୍ଷାରେ ରହିଥିବା ପୋଲିଂ କର୍ମଚାରୀ।

■କୋରାପୁଟ ଲୋକ ସଭା ଆସନ ପାଇଁ ୧୧ ପ୍ରାର୍ଥୀ
■ରାୟଗଡ଼ା ୧୦, ଗୁଣପୁର ୧୨, ବିଷମକଟକରେ ୮ ବିଧାୟକ ପ୍ରାର୍ଥୀ

## ୨୮୯ ବୁଥ୍‌ରେ ମତଦାନ କରିବେ ମତଦାତା
### ଗୁଣପୁର ବିଧାନସଭା ନିର୍ବାଚନ ମଣ୍ଡଳୀ

ଗୁଣପୁର,(ପ୍ରଦୀପ କୁମାର ପାଢ଼ୀ)

ରାଜ୍ୟରେ ସାଧାରଣ ନିର୍ବାଚନ ପ୍ରଥମ ପର୍ଯ୍ୟାୟ ମତଦାନ ସୋମବାର ଅନୁଷ୍ଠିତ ହେବ। ରାୟଗଡ଼ା ଜିଲା ଗୁଣପୁର ନିର୍ବାଚନମଣ୍ଡଳୀରେ ଭୋଟରରଙ୍କ ମତଦାନ ପାଇଁ ୨୮୯ଟି ବୁଥ୍ ରହିଛି। ସେଥିରୁ ୧୯ଟି ସଖୀ, ୧ଟି ଦିବ୍ୟାଙ୍ଗ, ୯ଟି ସ୍ୱତନ୍ତ୍ର ଆଦର୍ଶ ବୁଥ୍ ରହିଛି। ନିର୍ବାଚନ ପରିଚାଳନା ପାଇଁ ୧୭୩୪ ପୋଲିଂ କର୍ମଚାରୀ ଏବଂ ୨୮୯ ପୋଲିସଙ୍କୁ ନିଯୁକ୍ତି ଦିଆଯାଇଛି। ସମସ୍ତ କର୍ମଚାରୀ ଭୋଟଦାନ କେନ୍ଦ୍ରରେ ପହଞ୍ଚି ସାରିଛନ୍ତି। ତେବେ ଗୁଣପୁର ବିଧାନସଭା ଆସନ ପାଇଁ ୧୨ ଜଣ ପ୍ରର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ନିର୍ବାଚନ ମଣ୍ଡଳୀର ୨ ଲକ୍ଷ ୨୧ ହଜାର ୪୯୫ ଜଣ ଭୋଟର ସୋମବାର ମତଦାନ କରି ୧୨ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଣ୍ଣୟ କରିବେ। ସେଥିରୁ ମହିଳା ଭୋଟର ୧,୧୪,୭୬୨ ଜଣ ପୁରୁଷ, ୧, ୬,୬୮୪ ଜଣ ମହିଳା, ଏବଂ ୪୯ ଜଣ ତୃତୀୟ ଲିଙ୍ଗ ଭୋଟର ରହିଛନ୍ତି।

## ସଂକ୍ଷେପରେ

### ବୁଥ୍‌ରେ ପହଞ୍ଚିଲେ ପୋଲିଂ ଅଧିକାରୀ



ଟିକିରି ,୧୨।୫(ପ୍ରଫୁଲ୍ଲ କୁମାର ବେହେରା)

୧୩ରେ ଅନୁଷ୍ଠିତ ସାଧାରଣ ନିର୍ବାଚନ ପାଇଁ ରାୟଗଡ଼ା ଜିଲା କାଶୀପୁର ବ୍ଲକର ନିଜ ନିଜ ବୁଥ୍‌ରେ ପହଞ୍ଚିଛନ୍ତି ପୋଲିଂ ଅଧିକାରୀ। ପୋଲିଂ ଅଧିକାରୀମାନେ ମତଦାନର ଗୋଟେ ଦିନ ପୂର୍ବରୁ ବୁଥ୍‌ରେ ପହଞ୍ଚି ବୁଥ୍ ସଜାଡିବା ସହ କିଭଳି ସୁରୁଖୁରୁରେ ମତଦାନ ହୋଇପାରିବେ ତାହାର ବ୍ୟବସ୍ଥା କରୁଛନ୍ତି। ଶାନ୍ତିଶୃଙ୍ଖଳାକୁ ଦୃଷ୍ଟିରେ ରଖି ସବୁ ବୁଥ୍‌ରେ ଜଣେ ଲେଖାଏଁ ପୋଲିସ କର୍ମଚାରୀ ମୁତୟନ ହୋଇଛନ୍ତି।

### ରାସ୍ତାକଡ଼ ଜଙ୍ଗଲରେ ବୁଲିଲା ଭାଲୁ



ଡାବୁଗାଁ,୧୨।୫ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ମହେନ୍ଦ୍ରି ଛକ ନିକଟ ଡାବୁଗାଁ-ପାପଡ଼ାହାଣ୍ଡି ରାଜ୍ୟ ରାଜପଥ-୩୯ କଡ଼ରେ ଥିବା ଜଙ୍ଗଲ ମଧ୍ୟରେ ରବିବାର ଦୁଇଟି ଭାଲୁ ବୁଲୁଥିବା ଦେଖିବାକୁ ମିଳିଛି। ଭାଲୁ ୨ଟି ଦୀର୍ଘ ୫ ଘଣ୍ଟା ଧରି ସେଠାରେ ବୁଲିବା ଏବଂ ଖେଳୁଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ସେହି ରାସ୍ତା ଦେଇ ଯାତାୟାତ କରୁଥିବା ଲୋକମାନେ ଏତେ ବଡ଼ ବଡ଼ ଭାଲୁ ଦେଖି ଭୟଭୀତ ହୋଇ ଯାଇଥିଲେ। ଅନେକେ ଫଟୋ ଭିଡିଓ କରୁଥିବା ମଧ୍ୟ ଦେଖିବାକୁ ମିଳିଥିଲା। ଡାବୁଗାଁରୁ ମାତ୍ର ୫ କିଲୋମିଟର ଦୂରରେ ଭାଲୁ ବାହାରିବା ଖବର ଶୁଣି ଗ୍ରାମବାସୀ ଭୟଭୀତ ହୋଇଯାଇଛନ୍ତି।

### ସ୍ତ୍ରୀ ହତ୍ୟା ପରେ ଜାଳିଦେବା ମାମଲା, ଅଭିଯୁକ୍ତ ସ୍ୱାମୀ ଜେଲ ଗଲେ

ଦିଗପହଣ୍ଡି,୧୨।୫(ଅଶେଷ ନାଥ ମିଶ୍ର)

ସ୍ତ୍ରୀଙ୍କୁ ହତ୍ୟା ପରେ ଜାଳିଦେବା ମାମଲାରେ ଦିଗପହଣ୍ଡି ବ୍ଲକ ସାମନ୍ତରାପୁର ଗ୍ରାମର ସନ୍ତୋଷ ପାତ୍ରଙ୍କୁ ରବିବାର କେ.ନୂଆଗାଁ ପୋଲିସ କୋର୍ଟ ଚାଲାଣ କରିଛନ୍ତି। ମାମଲା ନଂ.୧୬୫/୨୪ ଅନୁଯାୟୀ ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍‌ଜେଲକୁ ପଠାଯାଇଛି। ଶୁକ୍ରବାର ରାତିରେ ସ୍ତ୍ରୀ ବିଷ୍ଣୁପ୍ରିୟା ପାତ୍ରଙ୍କୁ ଯୌତୁକ ଟଙ୍କା ପାଇଁ ତାଙ୍କ ସ୍ୱାମୀ ସନ୍ତୋଷ ନିର୍ଘୁକ ମାଡ଼ ମାରିବାରୁ ତାଙ୍କ ମୃତ୍ୟୁ ଘଟିଥିଲା। ବିଷ୍ଣୁପ୍ରିୟା ମରିଯିବା ପରେ ତାକୁ ଆତ୍ମହତ୍ୟାର ରୂପ ଦେବା ସହ ତଥ୍ୟ ଓ ପ୍ରମାଣ ନଷ୍ଟ ପାଇଁ ମୃତଦେହ ଉପରେ କିରୋସିନ ଢାଳି ଜାଳି ଦିଆଯାଇଥିଲା। ସକାଳେ କେ.ନୂଆଗାଁ ପୋଲିସ ଗ୍ରାମରେ ପହଞ୍ଚି ଦରପୋଡ଼ା ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଥିଲା। ଅଭିଯୁକ୍ତ ସନ୍ତୋଷଙ୍କୁ ଗିରଫ କରି ପଚରାଉଚୁରା କରିବା ପରେ ସେ ଦୋଷ ସ୍ୱୀକାର କରିଥିବା ପୋଲିସ କହିଛି।

## ଘାଟିରେ ଅଟୋ ଓଲଟି ୧୭ ଆହତ

ଝରିଗାଁ,୧୨।୫ (କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ-ଚନ୍ଦାହାଣ୍ଡି ଘାଟିରେ ଏକ ଅଟୋ ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ୧୭ ଜଣ ଆହତ ହୋଇଛନ୍ତି। ସେମାନେ ସମସ୍ତେ ଉମରକୋଟ ବ୍ଲକ ସାନଭରଣ୍ଡୀ ଗ୍ରାମର ବୋଲି ଜଣାପଡ଼ିଛି। ସୂଚନାନୁଯାୟୀ, ଉମରକୋଟ ବ୍ଲକ ସାନଭରଣ୍ଡୀ ଗ୍ରାମର ପ୍ରାୟ ୨୨ଜଣ ଏକ ଅଟୋ (ସିଜି-୧୭ଟି-୧୬୦୨)ରେ ଚନ୍ଦାହାଣ୍ଡି ବ୍ଲକ ଫଟିକି ଗ୍ରାମକୁ ଭାଜପା ଏମ୍‌ପି ପ୍ରାର୍ଥୀ ବଳଭଦ୍ର ମାଝିଙ୍କୁ ଭେଟିବାକୁ ବାହାରିଥିଲେ। ସକାଳ ପ୍ରାୟ ୯ଟାରେ ଝରିଗାଁ-ଚନ୍ଦାହାଣ୍ଡି ଘାଟିରେ ଭାରସାମ୍ୟ ହରାଇ ଅଟୋ ଓଲଟିପଡ଼ିଥିଲା। ଅଟୋରେ ବସିଥିବା ଲୋକମାନେ ରାସ୍ତାରେ ଛିଟିକି ପଡିଥିଲେ। ସେହି ରାସ୍ତା ଦେଇ ଯାଉଥିବା ଠିକାଦାର ଗୋକୁଳ ପଟ୍ଟନାୟକ ଏବଂ ଅନିଲ ଜୈନ ସେମାନଙ୍କୁ ଦେଖି କେତେଜଣ ଗୁରୁତରଙ୍କୁ ନିଜ ଗାଡ଼ିରେ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେମାନଙ୍କ ମଧ୍ୟରୁ ୯ ଜଣ ମହିଳା, ୨ ଶିଶୁ ଏବଂ ୭ ପୁରୁଷ ଆହତ ଅଛନ୍ତି। ସେମାନଙ୍କ ମଧ୍ୟରୁ ବୈଦିରାଜ ଗଣ୍ଡ (୪୫)ଙ୍କ କାନ୍ଧରେ ପ୍ରବଳ ଆଘାତ ଲାଗିଥିବା ଯୋଗୁ ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟମାନେ ହେଲେ ପାର କମାର (୭୦), ରତନା କମାର (୭୦), ଲଚିନ୍ଦର୍ ଗଣ୍ଡ (୬୮), ସୁକାନ୍ତି ଗଣ୍ଡ (୩୦), ଜଗଦୀଶ ଗଣ୍ଡ (୪୫), ଅଟୋଚାଳକ ମୁନା ହରିଜନ (୩୦), ଦୃତିକା ଗଣ୍ଡ (୨୨), ଗୋପୀନାଥ ଗଣ୍ଡ (୩), ପଦ୍ମା ଗୌଡ଼ (୩୪), ସନ୍ଧ୍ୟା କମାର (୨), ଗାୟତ୍ରୀ କମାର (୩୦), ହେମା କମାର (୨୨)। ପ୍ରାଥମିକ ଚିକିତ୍ସା ପରେ ସମସ୍ତେ ସୁସ୍ଥ ଥିବା ଡାକ୍ତର ଅରବିନ୍ଦ ପଣ୍ଡା ସୂଚନା ଦେଇଛନ୍ତି।

## ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦରବୃଦ୍ଧି, ଖାଉଟି ହଇରାଣ



ପଦ୍ମପୁର, ୧୨।୫ (ପ୍ରଶାନ୍ତ କର)

ସାଧାରଣ ନିର୍ବାଚନକୁ ନେଇ ଚାରିଆଡେ ଚର୍ଚ୍ଚା। ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରଚାର ଚାଲିଛି। ଆମ ସରକାର ଆସିଲେ ସାଧାରଣ ଜନତାଙ୍କ ପାଇଁ ଏପରି କରିବୁ, ମହିଳାଙ୍କ ସୁବିଧା ପାଇଁ ଯୋଜନା କରିବୁ ଇତ୍ୟାଦି। ହେଲେ ଏହି ସମୟରେ ସାଧାରଣ ଖାଉଟିଙ୍କ ଅବସ୍ଥା ନ କହିବା ଭଲ। ମହଙ୍ଗା ହୋଇଚାଲିଛି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ। ଖାଇବା ତେଲଠାରୁ ଆରମ୍ଭ କରି ପନିପରିବା, ଚାଉଳ, ଅଟା, ଚିନି ସବୁ ଜିନିଷ ଆକାଶଛୁଆଁ ବଢ଼ିବାରେ ଲାଗିଛି। ହାଣ୍ଡିଶାଳର ଆଳୁ, ପିଆଜ, ରସୁଣ ଦର ମଧ୍ୟ ବଢ଼ିବାରେ ଲାଗିଛି। ଘଟିଛି। ଏହା ମଧ୍ୟରେ ବିରି, ହରଡ଼ ଡାଲି କୁଇଣ୍ଟାଲ ପିଛା ୪ଶହରୁ ୫ଶହ ଟଙ୍କାକୁ ବୃଦ୍ଧି ପାଇଛି। ପାଇକାରୀ ବଜାରରେ ହରଡ଼ ଡାଲି କିଲୋପିଛା ୧୬୦ଟଙ୍କା ଥିବା ବେଳେ ଖୁଚୁରା ବଜାରରେ କିଲୋପ୍ରତି ୧୭୦ଟଙ୍କା ରହିଛି। ଏହାର ସୁଯୋଗ ନେଇ ଦଲାଲମାନେ ଆନ୍ଧ୍ରପ୍ରଦେଶରୁ ନିମ୍ନମାନର ଡାଲି ଆଣି ବେପାରୀଙ୍କୁ ଧରି ବଜାରରେ ବିକ୍ରି କରୁଥିବା ଅଭିଯୋଗ ହେଉଛି। ଏପଟେ ଟମାଟୋ କିଲୋ ୪୦, ବିନ୍‌ସ ୮୦, ଜହ୍ନି କିଲୋ ୫୦, କୋବି ୬୦, ଭେଣ୍ଡି ୪୦ ଟଙ୍କା ରହିଛି। ଆମିଷ ଦର ବ୍ୟବସାୟୀମାନେ ତାଙ୍କ ମନଇଚ୍ଛା ବୃଦ୍ଧି କରୁଥିଲେ ମଧ୍ୟ ଏହାପ୍ରତି କାହାର ନଜର ନାହିଁ। ଏଭଳି ପରିସ୍ଥିତିରେ କେତେକ ବେପାରୀ ବାହାରୁ ଆସୁଥିବା ଜିନିଷଗୁଡିକ ଯେଉଁ ଦରରେ ଆସୁଛି ତାକୁ ଧରି ଆମେ ବିକୁଛୁ ବୋଲି କହିଛନ୍ତି।

## ସାପ କାମୁଡ଼ାରେ ନାବାଳକ ମୃତ

ଚିତ୍ରକୋଣ୍ଡା, ୧୨।୫
(କ୍ଷୀରୋଦ ବେହେରା)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳର ପାପରମେଟଲା ପଞ୍ଚାୟତ ଅନ୍ତର୍ଗତ ପୁରଲୁବନ୍ଧା ଗ୍ରାମରେ ସାପ କାମୁଡାରେ ଜଣେ ନାବାଳକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଗ୍ରାମର ମୁକୁନ୍ଦ ଟାଙ୍ଗୁଲୁଙ୍କ ପୁଅ ମନୋଜ (୧୦)। ଶନିବାର ରାତିରେ ମନୋଜ ମାଆ ବାପା ଭଉଣୀଭାଇଙ୍କ ସହିତ ଘରେ ଶୋଇଥିବା ବେଳେ ରାତି ଗୋଟାଏରେ ଏକ ବିଷଧର ସାପ ତାଙ୍କୁ କାମୁଡି ଦେଇଥିଲା। ପରିବାର ଲୋକେ ଏହା ଜାଣିବା ପରେ ରାତିରେ ପୁଅକୁ ଦୀର୍ଘ ୨୭ କି.ମି. ଦୂର ଚିତ୍ରକୋଣ୍ଡା ମେଡିକାଲରେ ପହଞ୍ଚାଇବା ସମ୍ଭବ ହୋଇ ନଥିଲା। ସକାଳୁ ୧୦୮ ଆମ୍ବୁଲାନ୍ସ ଯୋଗେ ସେମାନେ ମନୋଜଙ୍କୁ ଚିତ୍ରକୋଣ୍ଡା ମେଡିକାଲକୁ ଆଣିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ମନୋଜ ପଞ୍ଚମ ଶ୍ରେଣୀରେ ପାଠ ପଢୁଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ବଜ୍ରପାତରେ ମହିଳା ଗୁରୁତର


ଆହତ ମହିଳାଙ୍କୁ ଡାକ୍ତରଖାନାକୁ ନିଆଯାଉଛି।

ମୁନିଗୁଡ଼ା,୧୨।୫ (ନନ୍ଦ କିଶୋର ପଟ୍ଟନାୟକ)

ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ ଜଗଦଲପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବଡମୁଦ୍ରା ଗ୍ରାମରେ ବଜ୍ରପାତରେ ଜଣେ ମହିଳା ଗୁରୁତର ଆହତ ହୋଇଥିବା ଜଣାପଡିଛି । ଆହତ ମହିଳା ହେଲେ ମହିଳା ମଞ୍ଜୁଳା ଦଣ୍ଡସେନା (୪୦) ।

ସୂଚନା ଅନୁଯାୟୀ, ରବିବାର ଅପରାହ୍ନରେ ହଠାତ୍ ଘଡଘଡ଼ି ମାରିବା ସହ ବର୍ଷା ହୋଇଥିଲା। ଏକ ବିଜୁଳି ଖୁଣ୍ଟି ପାଖରେ ବଜ୍ରପାତ ହେବାରୁ ନିକଟରେ ଥିବା ଏକ ଆଜବେଷ୍ଟସ ଘର ଭିତରେ ଥିବା ମଞ୍ଜୁଳା ଚେତାଶୂନ୍ୟ ହୋଇପଡ଼ିଥିଲେ। ମଞ୍ଜୁଳାଙ୍କ ବଡ଼ପୁଅ ଭୁବନ ଦଣ୍ଡସେନା ୧୦୮ ଆମ୍ବୁଲାନ୍ସ ଯୋଗେ ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେହିପରି ଭୈରବଗଡ଼ ପଞ୍ଚାୟତ ଅଞ୍ଚଳରେ ମଧ୍ୟ ବଜ୍ରପାତରେ ଜଣେ ସାମାନ୍ୟ ଆଘାତ ହୋଇଥିବା ଜଣାପଡିଛି। ଅନ୍ୟପକ୍ଷେ ଗୁରୁତର ଆଘାତପ୍ରାପ୍ତ ମହିଳାଙ୍କୁ ଶୀଘ୍ର ସମସ୍ତ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ତରଫରୁ ଦାବି ହୋଇଛି। ଖବରପାଇ ଭାଜପା ନେତା ରାମଚନ୍ଦ୍ର ବେହେରା, ଯୁବନେତା ପଞ୍ଚାନନ ସାହୁ, ରମେଶ ଗୌଡ଼ ଓ ବିଜେଡି ଜିଲା ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଗୌଡ଼ଙ୍କ ସମେତ ଅନ୍ୟମାନେ ହସ୍ପିଟାଲରେ ପହଞ୍ଚି ପରିବାରବର୍ଗଙ୍କୁ ଆଶ୍ୱାସନା ଦେବା ସହ ଡାକ୍ତରଙ୍କୁ ମହିଳାଙ୍କ ସ୍ୱାସ୍ଥ୍ୟ ବିଷୟରେ ପଚାରି ବୁଝିଥିଲେ।

## ମହୁମାଛି ଆକ୍ରମଣରେ ୯ ଆହତ

ମୋହନା,୧୨।୫(ମନ୍ମଥ ମିଶ୍ର)

ଗଜପତି ଜିଲା ମୋହନା ଥାନା ଛତାଭରି ଗାଁ ନିକଟରେ ରବିବାର ମହୁମାଛି ଆକ୍ରମରେ ୯ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ଜଣ ଗୁରୁତର ହୋଇଥିବା ବେଳେ ୬ଜଣ ଆହତ ଅଛନ୍ତି। ବ୍ରହ୍ମପୁରଠାରୁ କାର ଯୋଗେ ମୋହନା ଅଭିମୁଖେ ଯାଉଥିବା ଏକ ପରିବାରର ୪ ଜଣ ଛତାଭରି ଗାଁ ନିକଟରେ ପରିସ୍ରା କରିବା ପାଇଁ କାରଟି ଏକ ଗଛମୂଳେ ରଖିବା କ୍ଷଣି ହଠାତ୍ ମହୁମାଛି ତାଙ୍କ ଉପରେ ଆକ୍ରମଣ କରିଥିଲା।

## ଲଞ୍ଚରେ ବିଚ୍ଛିନ୍ନାଞ୍ଚଳର ୨ ବୁଥ୍‌ରେ ପହଞ୍ଚିଲେ ପୋଲିଂ ଟିମ୍

ତେନ୍ତୁଲିଖୁଣ୍ଟି, ୧୨।୫(ଚିଦାନନ୍ଦ ସାହୁ)

ନବରଙ୍ଗପୁର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ତେନ୍ତୁଳିଖୁଣ୍ଟି ବ୍ଲକରେ ୮୧ଟି ବୁଥ୍ ରହିଛି। ସେଥିମଧ୍ୟରୁ ବିଚ୍ଛିନ୍ନାଞ୍ଚଳର ୫ ଗ୍ରାମ ପାଇଁ ୨ଟି ବୁଥ୍ ରହିଛି। ଟାଙ୍ଗନୀକୋଟସ୍ଥିତ ବୁଥ୍‌ରେ ବାଗ୍ରା ଝଲାଗୁଡ଼ା ଓ ଉକ୍ତ ଗ୍ରାମର ୧୫୩ ଭୋଟର ଭୋଟ ଦେବେ। ସେହିଭଳି ଗୁରୁମାୟୀଗୁଡ଼ାସ୍ଥିତ ବୁଥ୍‌ରେ ତଲଙ୍ଗ ଓ ଗୁରୁମାଇଗୁଡ଼ାର ୨୭୩ ଭୋଟର ଭୋଟ ଦେବେ। ଉକ୍ତ ୨ ବୁଥ୍‌ରେ ନିୟୋଜିତ ପୋଲିଂ ଅଫିସର ଓ କର୍ମଚାରୀ ଇନ୍ଦ୍ରାବତୀ ଜଳଭଣ୍ଡାରରୁ ଲଞ୍ଚ୍‌ରେ ସେଠାକୁ ଯାଇଛନ୍ତି। ଅଧିକାରୀମାନେ ବୁଥ୍‌କୁ ସଂଯୋଗ କରୁଥିବା ଘାଟରେ ପହଞ୍ଚିବା ପରେ ବାଇକ୍ ଯୋଗେ ସେମାନଙ୍କୁ ଟାଙ୍ଗନିକୋର୍ଟ ଓ ଗୁରୁମାଇଗୁଡ଼ା ବୁଥ୍‌କୁ ନେବା ବ୍ୟବସ୍ଥା କରାଯାଇଥିଲା। ଭୋଟରଙ୍କ ପାଇଁ ମଧ୍ୟ ଯାତାୟାତ ସୁବିଧା ସମ୍ପର୍କରେ ଆଲୋଚନା କରି ନିଷ୍ପତ୍ତି ନିଆଯାଇଛି। ଏହି ଟିମ୍‌ର ସୁରକ୍ଷା ପାଇଁ ପୋଲିସ ଓ ଅଗ୍ନିଶମ ବାହିନୀ ଉପସ୍ଥିତ ଥିଲେ। ପ୍ରକାଶ ଯେ, ପଞ୍ଚାୟତ ନିର୍ବାଚନରେ ମଝା ଗାଁ ପଞ୍ଚାୟତର ଜଳବନ୍ଦୀ ବିଚ୍ଛିନ୍ନାଞ୍ଚଳବାସୀଙ୍କ ପାଇଁ ସ୍ୱତନ୍ତ୍ର ବୁଥ୍ ହୋଇଥିଲା। ବିଚ୍ଛିନ୍ନାଞ୍ଚଳବାସୀଙ୍କ ପାଇଁ ସାଧାରଣ ନିର୍ବାଚନରେ ତାଙ୍କ ଅଞ୍ଚଳରେ ବୁଥ୍ ପ୍ରଥମଥର ପାଇଁ ହେଉଛି।



## ୭ କମ୍ପାନୀ ଅତିରିକ୍ତ ସିଆର୍‌ପିଏଫ୍ ଯବାନ ମୁତୟନ

ରାୟଗଡ଼ା,୧୨।୫(ଆଶିଷ ରଞ୍ଜନ ପଣ୍ଡା)

ସାଧାରଣ ନିର୍ବାଚନ ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ରାୟଗଡ଼ା ଜିଲାର ୩ ନିର୍ବାଚନମଣ୍ଡଳୀ ପାଇଁ ପାଲିଂ କର୍ମଚାରୀ ନିଜ ନିଜ ବୁଥ୍‌ରେ ପହଞ୍ଚିଛନ୍ତି। ତେବେ ଶାନ୍ତିଶୃଙ୍ଖଳାର ସହିତ ମତଦାନ ପାଇଁ ପୋଲିସ ପାଇଁ ବଡ ଚ୍ୟାଲେଞ୍ଜ ପାଲଟିଛି। ଜିଲାର ୮୮୪ ମଧ୍ୟରୁ ରାୟଗଡ଼ା, ବିଷମକଟକ ଓ ଗୁଣପୁର ନିର୍ବାଚନ ମଣ୍ଡଳୀରେ ୧୨୧ ସମ୍ବେଦନଶୀଳ ବୁଥ ରହିଛି। ସେହିଭଳି ୫୩ ଟି ମାଓବାଦୀ ପ୍ରବଣ ତଥା ଅତି ସମ୍ବେଦନଶୀଳ ବୁଥ ଥିବାବେଳେ ୭୮ଟି ମୋବାଇଲ ନେଟୱର୍କ ବୀହିନ ରହିଛି। ମାଓବାଦୀ ପ୍ରଭାବିତ ଅଞ୍ଚଳରେ ପୋଲିସ ପକ୍ଷରୁ କୋମ୍ବିଂ ଅପରେଶନ ଜାରି ରହିଛି। ରାୟଗଡ଼ା, ମୁନିଗୁଡ଼ା ଓ ଚନ୍ଦ୍ରପୁର ଥାନା ଅଞ୍ଚଳରେଥିବା ଥିବା ସିଆରପିଏଫ ୩ ବାଟାଲିୟନ ବ୍ୟତୀତ ବାହାର ଜିଲାରୁ ୭ କମ୍ପାନୀ ସିଆରପିଏଫ୍ ଆସି ପହଞ୍ଚିଛନ୍ତି। ସେମାନେ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ହେବେ ବୋଲି ଏସ୍‌ପି ହରିଶ ବି. ସି କହିଛନ୍ତି। ମାଓବାଦୀଙ୍କ ସମସ୍ତ କାର୍ଯ୍ୟ ପ୍ରତିହତ କରିବା ପାଇଁ ଯବାନ ମୁତୟନ ଅଛନ୍ତି ବୋଲି ଏସ୍‌ପି ପ୍ରକାଶ କରିଛନ୍ତି। ସେହିଭଳି ଏସ୍‌ଓଜି ଏବଂ ଡିଭିଏଫ ଯବାନଙ୍କୁ ସ୍ୱତନ୍ତ୍ର ଭାବେ ମାଓବାଦୀ ପ୍ରଭାବିତ ଅଞ୍ଚଳରେ ନିୟୋଜିତ କରାଯାଇଛି। ମୁଖ୍ୟତଃ ଅମ୍ବାଦଳା, ମୁନିଗୁଡ଼ା, ଚନ୍ଦ୍ରପୁର, କଲ୍ୟାଣସିଂହପୁର, କାଶୀପୁର ଥାନା ଅଞ୍ଚଳରେ ବ୍ୟାପକ କୋମ୍ବିଂ ଅପରେଶନ ଚାଲିଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ଆରଡିସି ଆର. ଏସ୍ ଗୋପାଳନ ରାୟଗଡ଼ାରେ ପହଞ୍ଚି ନିର୍ବାଚନ ପ୍ରସ୍ତୁତି ଅନୁଧ୍ୟାନ କରି ଏସ୍‌ପିଙ୍କ ସହିତ ଆଲୋଚନା କରିଥିଲେ।


ସୀମାନ୍ତ ଅଞ୍ଚଳରେ ଜଗି ରହିଥିବା ସିଆରପିଏଫ୍ ଯବାନ।

### ମତଦାନ ଲାଗି ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

## ସଂକ୍ଷେପରେ

### ଭୋଟରଙ୍କ ହାତରେ ୪ ପ୍ରାର୍ଥୀଙ୍କ ଭାଗ୍ୟ

- ଉମରକୋଟ ନିର୍ବାଚନମଣ୍ଡଳୀ
-ବଙ୍ଗୀୟ ଭୋଟରଙ୍କ ଉପରେ ନଜର

ଉମରକୋଟ, ୧୨।୫ (ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ବିଧାନସଭା ନିର୍ବାଚନମଣ୍ଡଳୀରେ ସୋମବାର ଭୋଟଗ୍ରହଣ କରାଯିବ। ସେଥିପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଛି। ଏଠାରେ ୧ ଲକ୍ଷ, ୯୬ ହଜାର ୫୭୩ ଭୋଟର ସୋମବାର ମତଦାନ କରିବେ। ସେଥିମଧ୍ୟରୁ ୯୭ ହଜାର ୮୭୫ ମହିଳା, ୯୮ ହଜାର ୬୭୮ ପୁରୁଷ ଓ ୨୦ ଜଣ ତୃତୀୟଲିଙ୍ଗୀ ଭୋଟର ଅଛନ୍ତି। ଉମରକୋଟ ବିଧାନସଭା ନିର୍ବାଚନମଣ୍ଡଳୀରେ ମୋଟ ୨୨୦ ବୁଥ୍ ରହିଛି। ଉମରକୋଟ ସହରରେ ୫ଟି ସ୍ଥାନରେ ସଖୀ ବୁଥ୍ ଗଠନ କରାଯାଇଛି। ସେହିପରି ଉମରକୋଟ ବିଧାନସଭା ନିର୍ବାଚନମଣ୍ଡଳୀରେ ଉମରକୋଟ ବ୍ଲକରେ ୬, ରାଇଘର ବ୍ଲକରେ ମୋଟ ୨୯ ଓ ଉମରକୋଟ ପୌର ପରିଷଦରେ ୪ ବଙ୍ଗୀୟ ଗ୍ରାମ ରହିଛି। ସମୁଦାୟ ୩୯ଟି ବଙ୍ଗୀୟ ଗ୍ରାମର ଭୋଟର ନିଜ ଭୋଟ ପ୍ରଦାନ କରିବେ। ଚଳିତ ନିର୍ବାଚନରେ ଉମରକୋଟ ନିର୍ବାଚନମଣ୍ଡଳୀରେ ୪ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଭାଜପାରୁ ନିତ୍ୟାନନ୍ଦ ଗଣ୍ଡ, ବିଜେଡିରୁ ନବୀନା ନାୟକ, କଂଗ୍ରେସରୁ ସନରାଜ ଗଣ୍ଡ ପ୍ରାର୍ଥୀ ରହିଥିବାବେଳେ ଦଶରଥ ମାଝି ସ୍ୱାଧୀନ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।

### ରାସ୍ତାକଡ଼ ଜଙ୍ଗଲରେ ବୁଲିଲା ଭାଲୁ



ଡାବୁଗାଁ, ୧୨।୫ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ମହେନ୍ଦ୍ରି ଛକ ନିକଟ ଡାବୁଗାଁ-ପାପଡ଼ାହାଣ୍ଡି ରାଜ୍ୟ ରାଜପଥ-୩୯ କଡ଼ରେ ଥିବା ଜଙ୍ଗଲ ମଧ୍ୟରେ ରବିବାର ଦୁଇଟି ଭାଲୁ ବୁଲୁଥିବା ଦେଖିବାକୁ ମିଳିଛି। ଭାଲୁ ୨ଟି ଦୀର୍ଘ ୫ ଘଣ୍ଟା ଧରି ସେଠାରେ ବୁଲିବା ଏବଂ ଖେଳୁଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ସେହି ରାସ୍ତା ଦେଇ ଯାତାୟାତ କରୁଥିବା ଲୋକମାନେ ଏତେ ବଡ଼ ବଡ଼ ଭାଲୁ ଦେଖି ଭୟଭୀତ ହୋଇ ଯାଇଥିଲେ। ଅନେକେ ଫଟୋ ଭିଡିଓ କରୁଥିବା ମଧ୍ୟ ଦେଖିବାକୁ ମିଳିଥିଲା। ଡାବୁଗାଁରୁ ମାତ୍ର ୫ କିଲୋମିଟର ଦୂରରେ ଭାଲୁ ବାହାରିବା ଖବର ଶୁଣି ଗ୍ରାମବାସୀ ଭୟଭୀତ ହୋଇଯାଇଛନ୍ତି। ଏ ନେଇ ଡାବୁଗାଁ ବନପାଳ ଉମାକାନ୍ତ ପଟ୍ଟନାୟକଙ୍କୁ ପଚାରିବାରୁ ଅପରାହ୍ନ ୪ଟାରେ ଖବରପାଇ ବନ କର୍ମଚାରୀ ଘଟଣାସ୍ଥଳକୁ ଯାଇଥିଲେ। ଭାଲୁକୁ ଜଙ୍ଗଲ ଆଡ଼କୁ ଘଉଡ଼ାଇ ଦିଆଯାଇଛି। ଏବେ କାଜୁ ପାଚୁଥିବାରୁ ଏହାର ବାସ୍ନାରେ ଭାଲୁମାନେ ଜନବସତିମୁହାଁ ହେଉଛନ୍ତି ବୋଲି ସେ କହିଛନ୍ତି।

# ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ଭୋଟର

ନବରଙ୍ଗପୁର, ୧୨।୫ (ସଦାଶିବ ପ୍ରହରାଜ)

ଓଡ଼ିଶାରେ ଆଜି ପ୍ରଥମ ପର୍ଯ୍ୟାୟ ସାଧାରଣ ନିର୍ବାଚନ। ନବରଙ୍ଗପୁର ଜିଲାର ୪ଟି ବିଧାନସଭା ମଣ୍ଡଳୀର ୯୯୩ଟି ବୁଥ୍‌ରେ ଭୋଟର ମତଦାନ କରିବେ। ସେଥିମଧ୍ୟରୁ ୬୨ଟି ସମ୍ବେଦନଶୀଳ ବୁଥ୍‌ରେ ସକାଳ ୭ଟାଠାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମତଦାନ ହେବ। ଅବଶିଷ୍ଟ ୯୩୧ ବୁଥ୍‌ରେ ସକାଳ ୭ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମତଦାନ କରାଯିବ।

ରବିବାର ନବରଙ୍ଗପୁର ନିର୍ବାଚନମଣ୍ଡଳୀର ୨୭୬ ଏବଂ ଡାବୁଗାଁ ନିର୍ବାଚନମଣ୍ଡଳୀର ୨୪୧ ବୁଥରେ ଇଭିଏମ୍, ଭିଭିପିଏଟି ସହିତ ମତଦାନ ପାଇଁ ଆବଶ୍ୟକ ସାମଗ୍ରୀ ପହଞ୍ଚିଛି। ଏଥିସହିତ ଏହି ଦୁଇ ନିର୍ବାଚନମଣ୍ଡଳୀର ପ୍ରତି ବୁଥ୍ ପାଇଁ ଜଣେ ଲେଖାଏ ପ୍ରିଜାଇଡିଂ ଅଫିସର, ୫ ଜଣ ଲେଖାଏ ପୋଲିଂ ଅଫିସର ଓ ଜଣେ ସୁରକ୍ଷା କର୍ମୀ ବୁଥ୍‌ଗୁଡ଼ିକରେ ପହଞ୍ଚିଛନ୍ତି। ୨୦୨୪ ନିର୍ବାଚନ ପରିଚାଳନାରେ ଜିଲାର ୯୯୩ ବୁଥ୍‌ରେ ୯୯୩ ପ୍ରିଜାଇଡିଂ ଅଫିସର ନିୟୋଜିତ ଅଛନ୍ତି। ୪,୯୬୫ ଜଣ ପୋଲିଂ ଅଫିସର ଏବଂ ୯୯୩ ବୁଥ୍‌ରେ ୯୯୩ ଜଣ ପୋଲିସ ସୁରକ୍ଷା କର୍ମୀ ନିୟୋଜିତ ରହିଛନ୍ତି। ଏଥିସହିତ ପୋଲିସ ବିଭାଗ ପକ୍ଷରୁ ୮ଜଣ ଡିଏସ୍‌ପି, ୩୦ଜଣ ଇନ୍ସପେକ୍ଟର, ଏସ୍‌ଆଇ ଏବଂ ଏଏସ୍‌ଆଇ ୧୫୦ ଜଣ ଏଭଳି ପାଖାପାଖି ୨ହଜାର ପୋଲିସ କର୍ମଚାରୀ ଏବଂ ଅଧିକାରୀ ନିୟୋଜିତ ଥିବା ସୂଚନା ମିଳିଛି। ଚଳିତ ନିର୍ବାଚନରେ ସମସ୍ତ ପୋଲିଂ ଅଧିକାରୀ ଦଳଙ୍କ ନେବା ଆଣିବା ନିମନ୍ତେ ୬୬୬ଟି ରୁଟ୍‌ରେ ୩୩୬ ବସ୍ ଏବଂ ୪୪୨ ଚାରିଚକିଆ ଗାଡ଼ି ନିୟୋଜିତ ହୋଇଛି। ଜିଲାର ଗୋଟିଏ ଲୋକ ସଭା ଏବଂ

### ଆଜି ମତଦାନ

୪ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଇଭିଏମ୍ ଏବଂ ଭିଭିପିଏଟି ପ୍ରେରଣ ଏବଂ ଗ୍ରହଣ ପାଇଁ ୪୦ କାଉଣ୍ଟର ଖୋଲାଯାଇଥିଲା।

ଜିଲା ଓ ପୋଲିସ ବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି । ନବରଙ୍ଗପୁର ବିଧାନସଭା ନିର୍ବାଚନମଣ୍ଡଳୀର ୧୦, ଡାବୁଗାଁ ବିଧାନସଭା ନିର୍ବାଚନମଣ୍ଡଳୀରେ ୪, ଉମରକୋଟ ବିଧାନସଭା ନିର୍ବାଚନମଣ୍ଡଳୀର ୨୨ ଓ ଝରିଗାଁ ବିଧାନସଭା ନିର୍ବାଚନମଣ୍ଡଳୀର ୨୬ ସମ୍ବେଦନଶୀଳ ବୁଥ୍ ରହିଛି। ଉକ୍ତ ବୁଥ୍‌ଗୁଡ଼ିକରେ ସକାଳ ୭ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମତଦାନ ହେବ। ଉମରକୋଟ ବିଧାନସଭା ନିର୍ବାଚନମଣ୍ଡଳୀର ବୁର୍ଜା ବୁଥ୍‌ରେ ଭୋଟର ସଂଖ୍ୟା ୧୫୦୦ରୁ ଅଧିକ ରହିଥିବାରୁ ମତଦାନ କେନ୍ଦ୍ର ୧୬୪(୧) ନାମକ ଆଉ ଏକ ମତଦାନ କେନ୍ଦ୍ର ରହିବ। ଏହି କେନ୍ଦ୍ର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶ୍ରେଣୀ ଗୃହ (୨) ରହିବ। ଏହାର ଭୋଟର ସଂଖ୍ୟା ୭୫୭ ରହିଛି।

ଜିଲାରେ ୮ଲକ୍ଷ ୫୨ ହଜାର ୫୨୪ ଭୋଟର ରହିଛନ୍ତି। ସେଥିମଧ୍ୟରୁ ଉମରକୋଟ ନିର୍ବାଚନମଣ୍ଡଳୀରେ ୧ ଲକ୍ଷ ୯୬ ହଜାର ୫୧୨ ଜଣ, ଝରିଗାଁ ନିର୍ବାଚନମଣ୍ଡଳୀରେ ୨ ଲକ୍ଷ ୧୭ ହଜାର ୦୭୧, ଡାବୁଗାଁ ନିର୍ବାଚନମଣ୍ଡଳୀର ୨ ଲକ୍ଷ ୪ ହଜାର ୮୮୭ ଏବଂ ନବରଙ୍ଗପୁର ନିର୍ବାଚନମଣ୍ଡଳୀରେ ୨ ଲକ୍ଷ ୩୪ ହଜାର ୦୫୪ ଜଣ ଭୋଟର ଅଛନ୍ତି। ୪ ଲକ୍ଷ ୩୦ ହଜାର ୯୨୪ ମହିଳା, ୪ ଲକ୍ଷ ୨୧ ହଜାର ୫୪୧ ପୁରୁଷ ଏବଂ ୫୯ ଜଣ ତୃତୀୟଲିଙ୍ଗୀ ଭୋଟର ଅଛନ୍ତି।

## ନିର୍ବାଚନ ସାଧାରଣ ପର୍ଯ୍ୟବେକ୍ଷକଙ୍କ ବୁଥ୍ ପରିଦର୍ଶନ

ଝରିଗାଁ, ୧୨।୫ (କିଶୋର ଚନ୍ଦ୍ର ମଣ୍ଡଳ)

ନିର୍ବାଚନକୁ ଅବାଧ, ମୁକ୍ତ, ନିରପେକ୍ଷ ଏବଂ ସୁରକ୍ଷାର ସହ କରିବାକୁ ନିର୍ବାଚନ କମିଶନ ଗୁରୁତ୍ୱ ଦେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଜିଲା ଓ ବ୍ଲକ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ରବିବାର ନିର୍ବାଚନ ସାଧାରଣ ପର୍ଯ୍ୟବେକ୍ଷକ ପଲ୍ଲଭ ଗୋପାଳ ଝା ଝରିଗାଁ ବ୍ଲକ୍ ଗସ୍ତ କରି ବିଡିଓ ପ୍ରିତା କୁମାର, ତହସିଲଦାର ଶଙ୍କର ପଟ୍ଟନାୟକଙ୍କ ସହ ବୁଥ୍ ସମ୍ପର୍କରେ ଆଲୋଚନା କରିଥିଲେ। ଏହାପରେ ସାଧାରଣ ପର୍ଯ୍ୟବେକ୍ଷକ ବିଭିନ୍ନ ବୁଥ୍ ପରିଦର୍ଶନ କରି ସେଠାରେ ରହିଥିବା ପ୍ରିଜାଇଡିଂ ଅଫିସର, ପୋଲିଂ ଅଫିସରଙ୍କ ସହ ଆଲୋଚନା କରିଛନ୍ତି।



ସାଧାରଣ ପର୍ଯ୍ୟବେକ୍ଷକ ହାତିବାଡ଼ି ବୁଥ୍‌ରେ ପୋଲିଂ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

## ଡାବୁଗାଁ ବ୍ଲକରେ ୧୭ ମଡେଲ ବୁଥ୍

ଡାବୁଗାଁ, ୧୨।୫ (ପ୍ରଜ୍ଞାରଞ୍ଜନ ପରିଡ଼ା)

ଲୋକ ସଭା ଓ ବିଧାନସଭା ଆସନ ପାଇଁ ଓଡ଼ିଶାରେ ସୋମବାର ପ୍ରଥମ ପର୍ଯ୍ୟାୟ ନିର୍ବାଚନ। ଏହି କ୍ରମରେ ନବରଙ୍ଗପୁର ଲୋକ ସଭା ଏବଂ ଏହା ଅଧୀନରେ ଥିବା ସମସ୍ତ ନିର୍ବାଚନମଣ୍ଡଳୀରେ ମତଦାନ ହେବ। ଡାବୁଗାଁ ବ୍ଲକରେ ସକାଳ ୭ରୁ ସନ୍ଧ୍ୟା ୬ ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବ। ଏଥିପାଇଁ ରବିବାର ସନ୍ଧ୍ୟା ୬ଟା ପୂର୍ବରୁ ସୁରକ୍ଷିତ ଭାବେ ପ୍ରତି ବୁଥ୍‌ରେ ପୋଲିଂ ପାର୍ଟି ପହଞ୍ଚି ସାରିଛନ୍ତି। ପୋଲିସର କଡ଼ା ସୁରକ୍ଷା ମଧ୍ୟରେ ପୋଲିଂ ପାର୍ଟି ଏବଂ ଇଭିଏମ୍ ବୁଥ୍‌ରେ ପହଞ୍ଚିଛି। ଡାବୁଗାଁ ନିର୍ବାଚନମଣ୍ଡଳୀ ଅଧୀନ ବ୍ଲକର ସମସ୍ତ ବୁଥ୍‌ରେ ପୋଲିଂ ଅଧିକାରୀମାନେ ପହଞ୍ଚିଛନ୍ତି। ଡାବୁଗାଁ ବ୍ଲକରେ ୫୫ଟି ଭୋଟଗ୍ରହଣ କେନ୍ଦ୍ର କରାଯାଇଛି। ସେଥିମଧ୍ୟରୁ ୧ଟି ସଖୀ, ୧ଟି ପିଡବ୍ଲ୍ୟୁଡି, ୧୧ଟି ଇକୋ ଫ୍ରେଣ୍ଡଲି, ୩ଟି ଏଥ୍‌ନିକ ଓ ୧ଟି ଅଦର ଥିମ୍ ବୁଥ୍ ରହିଛି। ମୁକ୍ତ, ଅବାଧ ଓ ନିରପେକ୍ଷ ମତଦାନ ପାଇଁ ପ୍ରଶାସନ ସଜାଗ ରହିଛି। ଡାବୁଗାଁ ବ୍ଲକ ପାଇଁ ବିଡିଓ ଶରତ ମାଝି ନିର୍ବାଚନ ପରିଚାଳନା କରୁଛନ୍ତି। ଡାବୁଗାଁ ବ୍ଲକରେ ପ୍ରାୟ ୮୬,୩୪୪ ଜଣ ଭୋଟର ଅଛନ୍ତି। ଏକା ସାଙ୍ଗରେ ବିଧାନସଭା ଓ ଲୋକ ସଭା ପାଇଁ ମତଦାନ ହେଉଥିବାରୁ ଭୋଟର ୨ ଥର ମତଦାନ କରିବେ। ଏଥିପାଇଁ ଭୋଟରଙ୍କ ମଧ୍ୟରେ ଉତ୍ସୁକତା ଦେଖିବାକୁ ମିଳିଛି। ପ୍ରଥମ କରି ଭୋଟ ଦେଉଥିବା ଯୁବ ଭୋଟର ବେଶ୍ ଉତ୍ସାହିତ ଅଛନ୍ତି।



ଡାବୁଗାଁ ବ୍ଲକ ଜୟନ୍ତୀନଗରସ୍ଥିତ ସଖୀ ବୁଥ୍‌ରେ ପୋଲିଂ ଅଧିକାରୀମାନେ।

### ପ୍ରଭାବିତ ହେଉଛି ସ୍ୱାସ୍ଥ୍ୟସେବା

- ନିର୍ବାଚନ ଦାୟିତ୍ୱରେ ସ୍ୱାସ୍ଥ୍ୟ କର୍ମଚାରୀ

ଝରିଗାଁ, ୧୨।୫ (କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ ୩୦% କର୍ମଚାରୀଙ୍କୁ ନିର୍ବାଚନ ପରିଚାଳନା ଦାୟିତ୍ୱ ଦିଆଯାଇଥିବାରୁ ସ୍ୱାସ୍ଥ୍ୟସେବା ଏକ ପ୍ରକାର ଠପ୍ ହୋଇଯାଇଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ରବିବାର ସକାଳୁ ଝରିଗାଁ-ଚନ୍ଦାହାଣ୍ଡି ଘାଟିରେ ଏକ ଅଟୋ ଓଲଟି ପଡ଼ିବାରୁ ୧୮ ଜଣ ଗୁରୁତର ହୋଇ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିବା ବେଳେ ଆହତଙ୍କୁ ପ୍ରାଥମିକ ଚିକିତ୍ସା ପ୍ରଦାନ ବେଳେ ପରିସ୍ଥିତି ନିୟନ୍ତ୍ରଣାଧୀନ ରହିନଥିଲା। ଅଭିଜ୍ଞ ଜରୁରିକାଳୀନ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ କର୍ମଚାରୀଙ୍କ ଅଭାବ ହେତୁ ଅସନ୍ତୋଷ ଦେଖାଦେଇଥିଲା।

ଝରିଗାଁ ବ୍ଲକରେ ଗୋଟିଏ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ୫ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ଡାକ୍ତରଙ୍କୁ ମିଶାଇ ୧୦୫ଜଣ କର୍ମଚାରୀ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ନିୟୋଜିତ ହୋଇଛନ୍ତି। ସେଥିରୁ ୮ କର୍ମଚାରୀଙ୍କୁ ଡେପୁଟେଶନରେ ଅନ୍ୟତ୍ର ପଠାଯାଇଛି। ଅବଶିଷ୍ଟ ୯୭ କର୍ମଚାରୀ ଥିବାବେଳେ ବର୍ତ୍ତମାନ ୩୧ଜଣ କର୍ମଚାରୀ ନିର୍ବାଚନ ଡ୍ୟୁଟିରେ ଅଛନ୍ତି। ପ୍ରତି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଲେଖାଏଁ ଫାର୍ମାସିଷ୍ଟ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨ ଜଣ ଫାର୍ମାସିଷ୍ଟ (ମୋଟ ୭ଜଣ) ରହିଛନ୍ତି। ସମସ୍ତ ୭ ଫାର୍ମାସିଷ୍ଟ ନିର୍ବାଚନ ଡ୍ୟୁଟିରେ ଅଛନ୍ତି। ସେହିପରି ଏମ୍‌ପିଏଚ୍‌ଡବ୍ଲ୍ୟୁ (ଏମ୍) ୧୪, ବରିଷ୍ଠ ହେଲ୍‌ପର ୧, ଆଟେଣ୍ଡାଣ୍ଟ ୩, ସୁଇପର ୩, ଏଲ୍‌ଟି ୨ ନିର୍ବାଚନ ଡ୍ୟୁଟିରେ ଅଛନ୍ତି। ଫାର୍ମାସିଷ୍ଟମାନେ ଜରୁରିକାଳୀନ ସ୍ୱାସ୍ଥ୍ୟସେବା ସହ ନିରାମୟ ଔଷଧ ବିତରଣ କରିଥା'ନ୍ତି। ନିର୍ବାଚନ ଡ୍ୟୁଟି ଯୋଗୁ ଏବେ କିଛି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ମହିଳା ସ୍ୱାସ୍ଥ୍ୟକର୍ମୀ ଓ ଆଉ କିଛି ଜାଗାରେ ଡାକ୍ତର ନିଜେ ରୋଗୀଦେଖା ସହ ଔଷଧ ଦେଇ କାମ ଚଳାଉଛନ୍ତି। ମେଡିକାଲ ଅଧିକାରୀ ବୁଥ୍‌ଗୁଡ଼ିକ ପାଇଁ ଷ୍ଟକ କରିବା ସହ ଔଷଧ ଦେଉଥିବା ଦେଖିବାକୁ ମିଳିଛି। ନିର୍ବାଚନ ସମୟରେ ପ୍ରାୟ ୪ ଦିନ ସ୍ୱାସ୍ଥ୍ୟସେବା ପ୍ରଭାବିତ ହେବାର ଆଶଙ୍କା ରହିଥିବା ବୁଦ୍ଧିଜୀବୀ କହିଛନ୍ତି। ଜିଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଚନ୍ଦାହାଣ୍ଡି ଘାଟିରେ ଅଟୋ ଓଲଟି ୧୭ ଆହତ


ଝରିଗାଁ ମେଡିକାଲରେ ଆହତମାନଙ୍କ ଚିକିତ୍ସା କରାଯାଉଛି।

ଝରିଗାଁ, ୧୨।୫ (କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ-ଚନ୍ଦାହାଣ୍ଡି ଘାଟିରେ ଏକ ଅଟୋ ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ୧୭ ଜଣ ଆହତ ହୋଇଛନ୍ତି। ସେମାନେ ସମସ୍ତେ ଉମରକୋଟ ବ୍ଲକ ସାନଭରଣ୍ଡୀ ଗ୍ରାମର ବୋଲି ଜଣାପଡ଼ିଛି।

ସୂଚନାନୁଯାୟୀ, ଉମରକୋଟ ବ୍ଲକ ସାନଭରଣ୍ଡୀ ଗ୍ରାମର ପ୍ରାୟ ୨୨ଜଣ ଏକ ଅଟୋ (ସିଜି-୧୭ଟି-୧୬୦୨)ରେ ଚନ୍ଦାହାଣ୍ଡି ବ୍ଲକ ଫଟିକି ଗ୍ରାମକୁ ଭାଜପା ଏମ୍‌ପି ପ୍ରାର୍ଥୀ ବଳଭଦ୍ର ମାଝିଙ୍କୁ ଭେଟିବାକୁ ବାହାରିଥିଲେ। ସକାଳ ପ୍ରାୟ ୯ଟାରେ ଝରିଗାଁ-ଚନ୍ଦାହାଣ୍ଡି ଘାଟିରେ ଭାରସାମ୍ୟ ହରାଇ ଅଟୋ ଓଲଟି ପଡ଼ିଥିଲା। ଅଟୋରେ ବସିଥିବା ଲୋକମାନେ ରାସ୍ତାରେ ଛିଟିକି ପଡିଥିଲେ। ସେହି ରାସ୍ତା ଦେଇ ଯାଉଥିବା ଠିକାଦାର ଗୋକୁଳ ପଟ୍ଟନାୟକ ଏବଂ ଅନିଲ ଜୈନ ସେମାନଙ୍କୁ ଦେଖି କେତେଜଣ ଗୁରୁତରଙ୍କୁ ନିଜ ଗାଡ଼ିରେ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏହାପରେ ଆମ୍ବୁଲାନ୍ସକୁ ଯୋଗାଯୋଗ କରି ଅନ୍ୟମାନଙ୍କୁ ଡାକ୍ତରଖାନାକୁ ଆଣିବାର ବ୍ୟବସ୍ଥା କରିଥିଲେ। ସେମାନଙ୍କ ମଧ୍ୟରୁ ୯ ଜଣ ମହିଳା, ୨ ଶିଶୁ ଏବଂ ୭ ପୁରୁଷ ଆହତ ଅଛନ୍ତି। ସେମାନଙ୍କ ମଧ୍ୟରୁ ବୈଦିରାଜ ଗଣ୍ଡ (୪୫)ଙ୍କ କାନ୍ଧରେ ପ୍ରବଳ ଆଘାତ ଲାଗିଥିବା ଯୋଗୁ ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟମାନେ ହେଲେ ପାର କମାର (୭୦), ରତନା କମାର (୭୦), ଲଚିନ୍ଦର୍ ଗଣ୍ଡ (୬୮), ସୁକାନ୍ତି ଗଣ୍ଡ (୩୦), ଜଗଦୀଶ ଗଣ୍ଡ (୪୫), ଅଟୋଚାଳକ ମୁନା ହରିଜନ (୩୦), ଦୃତିକା ଗଣ୍ଡ (୨୨), ଗୋପୀନାଥ ଗଣ୍ଡ (୩), ପଦ୍ମା ଗୌଡ଼ (୩୪), ସନ୍ଧ୍ୟା କମାର (୨), ଗାୟତ୍ରୀ କମାର (୩୦), ହେମା କମାର (୨୨)। ପ୍ରାଥମିକ ଚିକିତ୍ସା ପରେ ସମସ୍ତେ ସୁସ୍ଥ ଥିବା ଡାକ୍ତର ଅରବିନ୍ଦ ପଣ୍ଡା ସୂଚନା ଦେଇଛନ୍ତି।

## ମାଥାଲପୁଟ ଶନିମନ୍ଦିରର ବାର୍ଷିକ ଉତ୍ସବ


ବାର୍ଷିକ ଉତ୍ସବରେ ଉପସ୍ଥିତ କର୍ମକର୍ତ୍ତା ଓ ଅନ୍ୟମାନେ।

ଦାମନଯୋଡି, ୧୨।୫ (ମାନସ ରଞ୍ଜନ କର)

ଦାମନଯୋଡି ଉପକଣ୍ଠସ୍ଥ ମାଥାଲପୁଟ ଶନିମନ୍ଦିରର ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶନିବାର କଳସଯାତ୍ରା ହୋଇଥିଲା। ଶତାଧିକ ମହିଳା ଶ୍ରଦ୍ଧାଳୁମାନେ ସ୍ଥାନୀୟ କୋଟ୍ରା ନଦୀରୁ କଳସ ଶୋଭାଯାତ୍ରା କରି ନଗର ପରିକ୍ରମା କରିଥିଲେ। ରବିବାର ସକାଳୁ ମନ୍ଦିର ପରିସରରେ ଅଷ୍ଟମପ୍ରହର ନାମଯଜ୍ଞ ସହ ସୂର୍ଯ୍ୟପୂଜା, ଶ୍ରୀଶନିଦେବଙ୍କ ମହାସ୍ନାନ, ତୈଳାଭିଷେକ, ଉପଚାର ପୂଜା, ନବଗ୍ରହ ପୂଜା, ଘୃତଯଜ୍ଞ, ଦୀପଯଜ୍ଞ ଆଦି ହୋଇଥିଲା। ମାନସ ରଞ୍ଜନ କରଙ୍କ ସହ ତାଙ୍କ ସ୍ତ୍ରୀ ସୁଚିତ୍ରା କର କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ସୁନାବେଡ଼ାରୁ ବିନୟ ମିଶ୍ର ଓ ନରେନ୍ଦ୍ରନାଥ ପତିଙ୍କ ସହ ରବିନ୍ଦ୍ରନାଥ ପାଢ଼ୀ, ମନ୍ଦିରର ଦୈନନ୍ଦିନ ପୂଜକ ମାଧବ ପଣ୍ଡା ଓ କୈଳାସ ପଣ୍ଡା ପୂଜାର୍ଚ୍ଚନା କରିଥିଲେ। ସେହିପରି ମାଥାଲପୁଟ ତ୍ରିନାଥ ମନ୍ଦିର ସଙ୍କୀର୍ତ୍ତନ ମଣ୍ଡଳୀ ନାମଯଜ୍ଞ ଅଧିବାସ କରିଥିଲା ବେଳେ ସ୍ଥାନୀୟ ଅଞ୍ଚଳରୁ ଦଶଟି ସଙ୍କୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିଲେ। ମନ୍ଦିର କମିଟି ପକ୍ଷରୁ ଶଙ୍କର ସାହୁ, ବାବୁଲା ପାତ୍ର, ଅଶୋକ ବେହେରା, ଟୁକୁନା ବାଡତିଆ, ଆକାଶ ନାୟକ, ସୁଶାନ୍ତ ରାଉତ, ସନାତନ ରାଉତ ଓ ଗ୍ରାମବାସୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ସାପ କାମୁଡ଼ାରେ ନାବାଳକ ମୃତ

ଚିତ୍ରକୋଣ୍ଡା, ୧୨।୫ (କ୍ଷୀରୋଦ ବେହେରା)

ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳର ପାପରମେଟଲା ପଞ୍ଚାୟତ ଅନ୍ତର୍ଗତ ପୁରଲୁବନ୍ଧା ଗ୍ରାମରେ ସାପ କାମୁଡାରେ ଜଣେ ନାବାଳକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଗ୍ରାମର ମୁକୁନ୍ଦ ଟାଙ୍ଗୁଲୁଙ୍କ ପୁଅ ମନୋଜ (୧୦)। ଶନିବାର ରାତିରେ ମନୋଜ ମାଆ ବାପା ଭଉଣୀଭାଇଙ୍କ ସହିତ ଘରେ ଶୋଇଥିବା ବେଳେ ରାତି ଗୋଟାଏରେ ଏକ ବିଷଧର ସାପ ତାଙ୍କୁ କାମୁଡି ଦେଇଥିଲା। ପରିବାର ଲୋକେ ଏହା ଜାଣିବା ପରେ ରାତିରେ ପୁଅକୁ ଦୀର୍ଘ ୨୭ କି.ମି. ଦୂର ଚିତ୍ରକୋଣ୍ଡା ମେଡିକାଲରେ ପହଞ୍ଚାଇବା ସମ୍ଭବ ହୋଇ ନଥିଲା। ସକାଳୁ ୧୦୮ ଆମ୍ବୁଲାନ୍ସ ଯୋଗେ ସେମାନେ ମନୋଜଙ୍କୁ ଚିତ୍ରକୋଣ୍ଡା ମେଡିକାଲକୁ ଆଣିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ମନୋଜ ପଞ୍ଚମ ଶ୍ରେଣୀରେ ପାଠ ପଢୁଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ବୁଥ୍‌କୁ ଗଲେ ପୋଲିଂ କର୍ମଚାରୀ

ଜୟପୁର, ୧୨।୫ (ପବନ ପାଣିଗ୍ରାହୀ)

୧୩ ତାରିଖ ସୋମବାର ରାଜ୍ୟର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ନେଇ ଅପରାହ୍ନରେ ଜୟପୁର ନିର୍ବାଚନ ମଣ୍ଡଳୀର ପୋଲିଂ ଅଧିକାରୀମାନେ ବୁଥ ଅଭିମୁଖେ ଯାତ୍ରା କରିଛନ୍ତି। ଜୟପୁର ନିର୍ବାଚନ ମଣ୍ଡଳୀରେ ୨ଲକ୍ଷ ୧୪ ହଜାର ୬୧୬ ଭୋଟର ରହିଛନ୍ତି । ଏହି ଭୋଟରମାନଙ୍କ ପାଇଁ ୨୩୮ଟି ଭୋଟଦାନ କେନ୍ଦ୍ର କରାଯାଇଛି। ଏଥିରୁ ୧୬ଟି ସଖୀ ବୁଥ ରହିଛି । ୧୫ ଶହରୁ ଅଧିକ କର୍ମଚାରୀ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି । କର୍ମଚାରୀଙ୍କ ଯିବା ପାଇଁ ୧୮୮ଟି ବିଭିନ୍ନ ଗାଡି କରାଯାଇଥିଲା। ଜିଲାପାଳ ଭି.କୀର୍ତ୍ତି ଭାସନ ସମୀକ୍ଷା କରିଥିବା ବେଳେ ସମସ୍ତ କାର୍ଯ୍ୟକୁ ଉପଜିଲାପାଳ ପ୍ରଭାତ ପରିଡା, ବିଡିଓ ଶକ୍ତି ମହାପାତ୍ର, ତହସିଲଦାର ମୋନାଲିସା ଆଚାର୍ଯ୍ୟ, ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ତଦାରଖ କରିଥିଲେ।



ପୋଲିଂ ଅଧିକାରୀମାନେ ବୁଥ ଅଭିମୁଖେ ଯାଉଛନ୍ତି।

## ଲଞ୍ଚରେ ବିଚ୍ଛିନ୍ନାଞ୍ଚଳର ୨ ବୁଥ୍‌ରେ ପହଞ୍ଚିଲେ ପୋଲିଂ ଟିମ୍


ପୋଲିଂ ଟିମ୍ ବୁଥ୍‌କୁ ଯିବାକୁ ଇନ୍ଦ୍ରାବତୀ ଜଳଭଣ୍ଡାରର କେନ୍ଦୁଗୁଡା ଘାଟରେ ଅପେକ୍ଷା କରିଛନ୍ତି।


ପୋଲିଂ ଟିମ୍ ନିର୍ବାଚନୀ ସାମଗ୍ରୀ ସହ ଲଞ୍ଚରେ ଚଢୁଛନ୍ତି।

ତେନ୍ତୁଲିଖୁଣ୍ଟି/ନବରଙ୍ଗପୁର, ୧୨।୫ (ଚିଦାନନ୍ଦ ସାହୁ/ସଦାଶିବ ପ୍ରହରାଜ)

ନବରଙ୍ଗପୁର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ତେନ୍ତୁଲିଖୁଣ୍ଟି ବ୍ଲକରେ ୮୧ଟି ବୁଥ୍ ରହିଛି। ସେଥିମଧ୍ୟରୁ ବିଚ୍ଛିନ୍ନାଞ୍ଚଳର ୫ ଗ୍ରାମ ପାଇଁ ୨ଟି ବୁଥ୍ ରହିଛି। ଟାଙ୍ଗନୀକୋଟସ୍ଥିତ ୨୬୮ ନମ୍ବର ବୁଥ୍‌ରେ ବାଗ୍ରା ଝଲାଗୁଡ଼ା ଓ ଉକ୍ତ ଗ୍ରାମର ୧୫୩ ଭୋଟର ଭୋଟ ଦେବେ। ସେହିଭଳି ଗୁରୁମାୟୀଗୁଡ଼ାସ୍ଥିତ ୨୬୯ ନମ୍ବର ବୁଥ୍‌ରେ ତଲଙ୍ଗ ଓ ଗୁରୁମାଇଗୁଡ଼ାର ୨୭୩ ଭୋଟର ଭୋଟ ଦେବେ। ଉକ୍ତ ୨ ବୁଥ୍‌ରେ ନିୟୋଜିତ ପୋଲିଂ ଅଫିସର ଓ କର୍ମଚାରୀ ଇନ୍ଦ୍ରାବତୀ ଜଳଭଣ୍ଡାରରୁ ଲଞ୍ଚରେ ସେଠାକୁ ଯାଇଛନ୍ତି। ଅଧିକାରୀମାନେ ବୁଥ୍‌କୁ ସଂଯୋଗ କରୁଥିବା ଘାଟରେ ପହଞ୍ଚିବା ପରେ ବାଇକ୍ ଯୋଗେ ସେମାନଙ୍କୁ ଟାଙ୍ଗନିକୋଟ ଓ ଗୁରୁମାଇଗୁଡ଼ା ବୁଥ୍‌କୁ ନେବା ବ୍ୟବସ୍ଥା କରାଯାଇଥିଲା। ଭୋଟରଙ୍କ ପାଇଁ ମଧ୍ୟ ଯାତାୟାତ ସୁବିଧା ସମ୍ପର୍କରେ ଆଲୋଚନା କରି ନିଷ୍ପତ୍ତି ନିଆଯାଇଛି। ଏହି ଟିମ୍‌ର ସୁରକ୍ଷା ପାଇଁ ପୋଲିସ ଓ ଅଗ୍ନିଶମ ବାହିନୀ ଉପସ୍ଥିତ ଥିଲେ। ପ୍ରକାଶ ଯେ, ପଞ୍ଚାୟତ ନିର୍ବାଚନରେ ମଞ୍ଚା ଗାଁ ପଞ୍ଚାୟତର ଜଳବନ୍ଦୀ ବିଚ୍ଛିନ୍ନାଞ୍ଚଳବାସୀଙ୍କ ପାଇଁ ସ୍ୱତନ୍ତ୍ର ବୁଥ୍ ହୋଇଥିଲା। ବିଚ୍ଛିନ୍ନାଞ୍ଚଳବାସୀଙ୍କ ପାଇଁ ସାଧାରଣ ନିର୍ବାଚନରେ ତାଙ୍କ ଅଞ୍ଚଳରେ ବୁଥ୍ ପ୍ରଥମଥର ପାଇଁ ହେଉଛି।

### ପ୍ରଥମ ଥର ନିଜ ଅଞ୍ଚଳରେ ଭୋଟଦେବେ ଜଳବନ୍ଦିବାସୀ

